## ଟ୍ରକ୍‌କୁ ପିଟିଲା ହାଇୱା: ଚାଳକ ଗୁରୁତର

ଖୁଣ୍ଟୁଣୀ,(ଡି.ଏନ.ଏ.): ୫୫ ନଂ. ଜାତୀୟ ରାଜପଥର କପୁରସିଂହ ହନୁମାନ ମନ୍ଦିର ପାର୍ଶ୍ୱରେ ଛିଡା ହୋଇଥିବା ମାଲ୍ ବୋଝେଇ ଏକ ଟ୍ରକ୍‌କୁ ପଛପଟୁ ଚିପ୍ସ ବୋଝେଇ ହାଇୱା ଧକ୍କା ଦେଇଛି। ଏଥିରେ ହାଇୱା ଚାଳକ ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଧୀନ ଟିଙ୍ଗାତଳିଆ ଗ୍ରାମର ଗୁନା ସାହୁଙ୍କ ଗୋଡ କଟିଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜେସିବି ସହାୟତାରେ ଚାଳକଙ୍କୁ ହାଇୱା କ୍ୟାବିନ୍‌ରୁ ବାହାର କରି କଟକ ବଡ ଡାକ୍ତରଖାନା ପଠାଇଛି। ଏଥିସହ ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଗ୍ରୀଲ୍ ତାଡ଼ି ଅଳଙ୍କାର, ଟଙ୍କା ଚୋରି

ଖୁଣ୍ଟୁଣୀ,୧୦।୨(ଡି.ଏନ.ଏ.): ଖୁଣ୍ଟୁଣୀ ଥାନା ଅଧୀନ ଷ୍ଟେଶନ ରୋଡ୍ ନିକଟରେ ଭଡାରେ ରହୁଥିବା କୈଳାସ ବେହେରାଙ୍କ ଘରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, କୈଳାସଙ୍କ ଝରକା ଗ୍ରୀଲ ତାଡି ଦୁର୍ବୃତ୍ତମାନେ ଘର ଭିତରେ ପଶିଥିଲେ। କୈଳାସ ଓ ତାଙ୍କ ସ୍ତ୍ରୀ ଗୋଟିଏ ଘରେ ଶୋଇଥିବାବେଳେ ଦୁର୍ବୃତ୍ତମାନେ ଅନ୍ୟଘରେ ପଶି ଲକ୍‌ର ଭାଙ୍ଗି ଦୁଇଟି ସୁନାହାର, ଦୁଇଟି ଚେନ୍, ଚାରିହଳ କାନଫୁଲ ଓ ୧୬ଟି ମୁଦି, ୧୦ ହଜାର ଟଙ୍କା ଚୋରି କରିଥିଲେ। ଯିବାବେଳେ ଘରର ମୁଖ୍ୟଦ୍ୱାର ଓ ପଛପଟ ଦ୍ୱାର କବାଟ ତାଲା ପକାଇ ଦେଇଥିଲେ। ପରେ ନିକଟରେ ଥିବା ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଘରକୁ ଯାଇ ଝରକା ଗ୍ରୀଲ ତାଡୁଥିଲେ। ସେହି ସମୟରେ ତାଙ୍କ ପୁଅ କୀର୍ତ୍ତିରଞ୍ଜନ ଉଠି ପଡିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କଟକ ସଦର,୧୦।୨(ଡି.ଏନ.ଏ.): ୪୨ ମୌଜା ଫାଣ୍ଡି ଅଧୀନ ଦହିଗାଁର ଏକ ଓଉଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ବୁଧବାର ପୋଲିସ ଜବତ କରିଛି। ସେ ହେଲେ ଦହିଗାଁର ଶିବ ପ୍ରସାଦ ଭୋଇ(୩୫)। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇବା ସହ ତଦନ୍ତ ଚଳାଇଛି। ଏ ନେଇ କଟକ ସଦର ଥାନାରେ ଅପମୃତ୍ୟୁ ମାମଲା(ନଂ.୨/୨୧) ରୁଜୁ ହୋଇଛି। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ କୃପାସିନ୍ଧୁ ବରାଡ କହିଛନ୍ତି, ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମଙ୍ଗଳବାର ରାତିରେ ଶିବ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛୁ। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡିବ।

### ଜଙ୍ଗଲରୁ ଗଳିତ ମୃତଦେହ ଜବତ

ଚୌଦ୍ୱାର,୧୦।୨(ଡି.ଏନ.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ପଞ୍ଚାୟତର ଡମଡମଣୀ ସଂରକ୍ଷିତ ଜଙ୍ଗଲରୁ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ଚୌଦ୍ୱାର ପୌରପାଳିକା ୧୪ ନଂ. ୱାର୍ଡ ଅନ୍ତର୍ଗତ ମଣ୍ଡାପଡ଼ା ଗ୍ରାମର ସୁରେନ୍ଦ୍ର ନାଇ(୫୨)। ମଙ୍ଗରାଜପୁର ଫରେଷ୍ଟ ଗାର୍ଡ ଦୁର୍ଯ୍ୟୋଧନ ବାନରା ଜଙ୍ଗଲ ଭିତରେ ଡ୍ୟୁଟି କରୁଥିବାବେଳେ ପାଞ୍ଚଗଛିଆ ନିକଟରେ ଦୁର୍ଗନ୍ଧ ବାହାରୁଥିବା ଜାଣିବାକୁ ପାଇଥିଲେ। ସେଠାରେ ପହଞ୍ଚି ମୃତଦେହ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ସୁରେନ୍ଦ୍ରଙ୍କ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିବାବେଳେ ଘଟଣାସ୍ଥଳରେ ଏକ ବିଷ ବୋତଲ ପଡିଥିବା ଦେଖିବାକୁ ମିଳିଥିଲା। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ.୫/୨୧) ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

### ଚୌଦ୍ୱାର ଜେଲରେ ଜଳଖିଆ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

ଚୌଦ୍ୱାର,୧୦।୨(ଡି.ଏନ.ଏ.): ଚୌଦ୍ୱାର ଜେଲରେ ଜଳଖିଆ ବିକ୍ରୟ କେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଛି। ଏହାକୁ ଜେଲ ଡିଆଇଜି କୁଳମଣି ବେହେରା ଉଦ୍‌ଘାଟନ କରିଥିଲେ। ଜେଲ୍‌ରେ ଅନ୍ତେବାସୀଙ୍କୁ ଦେଖା କରିବା ପାଇଁ ଆସୁଥିବା ସମ୍ପର୍କୀୟଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡିଥାଏ। ମାତ୍ର ଜେଲ ନିକଟରେ କୌଣସି ଦୋକାନ ନ ଥିବାରୁ ସେମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଏହାକୁ ଦୃଷ୍ଟିରେ ରଖି ଏହି କେନ୍ଦ୍ର ଖୋଲାଯାଇଛି। ସରକାରୀ ଛୁଟିଦିନ ବ୍ୟତୀତ ଅନ୍ୟ ଦିନରେ ଅନ୍ତେବାସୀଙ୍କ ଦ୍ୱାରା ପ୍ରସ୍ତୁତ ଉତ୍କୃଷ୍ଟ ମାନର ଜଳଖିଆ ସୁଲଭ ମୂଲ୍ୟରେ ଏହି କେନ୍ଦ୍ରରେ ବିକ୍ରି କରାଯିବ ବୋଲି ଜେଲର ଅବିନାଶ ବେହେରା କହିଛନ୍ତି।

# ସାମୟିକ ବନ୍ଦ ହେଲା ସନ୍ ହସ୍ପିଟାଲ

- ୧ରେ ହସ୍ପିଟାଲରେ ନିଆଁ ଲାଗିଥିଲା
- ଜାରି ହୋଇଥିଲା କାରଣ ଦର୍ଶାଅ ନୋଟିସ
- ମିଳିଲାନି ସନ୍ତୋଷଜନକ ଉତ୍ତର
- କେନାଲ ସମ୍ପ୍ରସାରଣ ପାଇଁ ବିସ୍ଥାପିତଙ୍କୁ ଥଇଥାନ କରାଯିବ

କଟକ ଅଫିସ, ୧୦।୨

କଟକ କନିକାଛକସ୍ଥିତ ସନ୍ ହସ୍ପିଟାଲକୁ ସାମୟିକ ଭାବେ ବନ୍ଦ କରାଯାଇଛି। ଅଗ୍ନି ନିରାପତ୍ତା ଆଇନ ଖିଲାପ କରି ବେଆଇନ ଭାବେ ଚାଲୁଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ଗତ ୧ ତାରିଖରେ ଉକ୍ତ ହସ୍ପିଟାଲର ପଞ୍ଚମ ମହଲାରେ ନିଆଁ ଲାଗି ଅଫିସ, କମ୍ପ୍ୟୁଟର ରୁମ୍, ଏସି, ଦୁଇଟି ଏଲ୍‌ଇଡି ଟିଭି, ଦାମୀ ଆସବାବପତ୍ର ସମେତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡି ପାଉଁଶ ହୋଇଯାଇଥିଲା। ଏ ସମ୍ପର୍କରେ ଜଣାପଡିବା ପରେ ହସ୍ପିଟାଲରେ ଥିବା ୧୧ ଜଣ ରୋଗୀଙ୍କୁ ସୁରକ୍ଷିତ ଭାବେ ଏସ୍‌ସିବି ମେଡିକାଲ ସମେତ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଉକ୍ତ ହସ୍ପିଟାଲର ଫାୟାର ସେଫ୍ଟି ସାର୍ଟିଫିକେଟ୍ ନ ଥିବା ତଦନ୍ତବେଳେ ଜଣାପଡିଥିଲା। ଏ ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ହେଲେ ହସ୍ପିଟାଲ କର୍ତ୍ତୃପକ୍ଷ ଏ ସମ୍ପର୍କରେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ହସ୍ପିଟାଲକୁ ବନ୍ଦ କରାଯାଇଛି। ନିୟମାନୁଯାୟୀ ପ୍ରମାଣଯୋଗ୍ୟ କାଗଜପତ୍ର ଉପଲବ୍ଧ ହେବା ପରେ ହସ୍ପିଟାଲ ଚାଲିପାରିବ ବୋଲି ଜିଲାପାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଆସନ୍ତା ୧୨ ତାରିଖରୁ ରାଣୀହାଟ-ବିରିବାଟି ମଧ୍ୟରେ ତାଳଦଣ୍ଡା କେନାଲର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ବିସ୍ଥାପିତ ହେବାକୁ ଥିବା ଲୋକଙ୍କୁ ଚାଉଳିଆଗଞ୍ଜ ଓଏସ୍‌ଏପି ଓ ନୂଆପଡାସ୍ଥିତ ବାଲିସାହିଠାରେ ଥଇଥାନ କରାଯିବ ବୋଲି ବୁଧବାର ଜିଲାପାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେହିପରି ଜିଲାରେ ଟିକାକରଣ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବା ନିମନ୍ତେ ପଦକ୍ଷେପ ନିଆଯାଉଛି ବୋଲି ଜିଲାପାଳ କହିଛନ୍ତି।



କଟକ ଖପୁରିଆସ୍ଥିତ ସରକାରୀ ପ୍ରେସ୍ ପରିସରରେ ବୁଧବାର ଅଗ୍ନିଶମ ବିଭାଗ ପକ୍ଷରୁ ଆକସ୍ମିକ ଅଗ୍ନିକାଣ୍ଡରେ ନିଆଁକୁ ଆୟତ୍ତ କରିବା ପ୍ରଣାଳୀ ସମ୍ପର୍କରେ ଉପସ୍ଥିତ କର୍ମଚାରୀଙ୍କୁ ତାଲିମ ଦିଆଯାଉଛି।



କଟକ ଶିଳ୍ପୀ କୁମ୍ଭାରସାହି ଅଞ୍ଚଳରେ ଜଣେ ଶିଳ୍ପୀ ସରସ୍ୱତୀଙ୍କ ମୃଣ୍ମୟୀ ପ୍ରତିମାରେ ରଙ୍ଗତୂଳୀରେ ରୂପରେଖ ଦେଉଛନ୍ତି।

## ମାଇକ୍ରୋ ଫାଇନାନ୍ସର ୧୨୮.୮୬ କୋଟି ସମ୍ପତ୍ତି ଆଟାଚ୍ କଲା ଇଡି

ଭୁବନେଶ୍ୱର,୧୦।୨(ବ୍ୟୁରୋ)

ଚିଟ୍‌ଫଣ୍ଡ ସଂସ୍ଥା ମାଇକ୍ରୋ ଫାଇନାନ୍ସ ଗ୍ରୁପ୍ ଅଫ୍ କମ୍ପାନୀର ୧୨୮.୮୬ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆଟାଚ୍ କରିଛି। ଏହି ସମ୍ପତ୍ତି ମଧ୍ୟରେ କାମତ୍ ହୋଟେଲ (ଇଣ୍ଡିଆ) ଲିମିଟେଡ ରହିଛି। କୋଲ୍‌କାତାରେ ମାଇକ୍ରୋ ଫାଇନାନ୍ସ ନାମରେ ଏକ ମାମଲା ହୋଇଥିଲା। ଏହାକୁ ସିବିଆଇ ତଦନ୍ତ କରୁଥିଲା। ଏହି ଠକେଇ ମାମଲାରେ ଭୁବନେଶ୍ୱର ସିବିଆଇ ଚାର୍ଜଶିଟ୍ ଦାଖଲ କରିଥିଲା। ହେଲେ କମ୍ପାନୀର ବେଆଇନ୍ ଅର୍ଥ କାରବାର ସଂକ୍ରାନ୍ତରେ ଇଡି ତଦନ୍ତ ଜାରି ରଖିଥିଲା।

ସୂଚନା ମୁତାବକ, କମ୍ ଦିନରେ ଜମା ଟଙ୍କାକୁ ଦୁଇଗୁଣା କରି ଫେରସ୍ତ ପ୍ରଲୋଭନ ଦେଖାଇ ମାଇକ୍ରୋ ଫାଇନାନ୍ସ କମ୍ପାନୀ ଜମାକାରୀଙ୍କଠାରୁ ଅର୍ଥ ସଂଗ୍ରହ କରିଥିଲା। ଓଡ଼ିଶା ସମେତ ଅନ୍ୟ ରାଜ୍ୟରେ ମଧ୍ୟ ମାଇକ୍ରୋ ଫାଇନାନ୍ସ ଶାଖା କମ୍ପାନୀ ଖୋଲି ଜମାକାରୀଙ୍କୁ ଠକିଥିଲା। ଜମାକାରୀମାନେ ଦେଇଥିବା ଟଙ୍କା ଫେରସ୍ତ ମାଗିବାରୁ କମ୍ପାନୀ ଅଫିସ୍‌ରେ ତାଲା ପକାଇ ଫେରାର ହୋଇଯାଇଥିଲା। ଏସଂକ୍ରାନ୍ତରେ ଜମାକାରୀମାନେ କୋଲକାତା କ୍ରାଇମ୍‌ବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଅପରପକ୍ଷରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମାଇକ୍ରୋ ଫାଇନାନ୍ସ ସମେତ ୪୪ଟି କମ୍ପାନୀ ବିରୋଧରେ ସିବିଆଇ ତଦନ୍ତ ଆରମ୍ଭ କରିଥିଲା।

## ମା' ମଙ୍ଗଳା କ୍ରିକେଟ: ଗୋଠପୁର ଚାମ୍ପିୟନ

ଖୁଣ୍ଟୁଣୀ,୧୦।୨(ଡି.ଏନ.ଏ.)

ଖୁଣ୍ଟୁଣୀ ଥାନା ଅଧୀନ ଅନନ୍ତପୁର ଖେଳପଡିଆରେ ଗତ ମାସ ୧୧ ତାରିଖରୁ ଚାଲିଥିବା ମା' ମଙ୍ଗଳା କ୍ରିକେଟ କପ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ଗୋଠପୁର ଟିମ୍ ୨୨ ରନ୍‌ରେ ନିଶ୍ଚିପୁର ଟିମକୁ ପରାସ୍ତ କରିଛି। ଟସ୍ ଜିତି ଗୋଠପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୬ ଉଇକେଟ୍ ହରାଇ ୧୬୬ ରନ୍ କରିଥିଲା। ଜବାବରେ ନିଶ୍ଚିପୁର ଟିମ୍ ୧୮ ଓଭରରେ ୯ ଉଇକେଟ ହରାଇ ୧୪୪ ରନ୍ କରି ପରାଜିତ ହୋଇଥିଲା। ପ୍ରସନ୍ନ ପ୍ରଧାନ ଓ ପ୍ରଦୀପ ଦଳେଇ ଖେଳ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଅନନ୍ତପୁର ଗ୍ରାମ ସଭାପତି ବଟକିଶୋର ସେଠୀ, ସମ୍ମାନିତ ଅତିଥି ଭାବେ କାରଖାନା ପରିଚାଳକ ସିଦ୍ଧାର୍ଥ ସେଠ, ଉପସଭାପତି ଦେବାଶିଷ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଶ୍ରୀକର ଜେନା, ଲକ୍ଷ୍ମୀପ୍ରିୟା ବେହେରା, ଜଗବନ୍ଧୁ ସାହୁ ଓ ସରୋଜ ପଣ୍ଡା ପ୍ରମୁଖ ଯୋଗଦେଇ ଉଭୟ ଟିମ୍‌କୁ ପୁରସ୍କୃତ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା

କଟକ ଅଫିସ, ୧୦।୨

କଟକ ବକ୍ସିବଜାର ଟ୍ରାଫିକ ଛକଠାରେ ଷ୍ଟିୱାର୍ଟ ବିଜ୍ଞାନ କଲେଜ ପକ୍ଷରୁ ବୁଧବାର ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଡିସିପି ପ୍ରତୀକ୍ ସିଂ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୪୦ ଜଣ ଛାତ୍ରୀଛାତ୍ର ସାମିଲ ହୋଇ ଗାଡି ଚାଳକ ଓ ପଥଚାରୀଙ୍କୁ ଟ୍ରାଫିକ ନିୟମ ସମ୍ବନ୍ଧରେ ସଚେତନ କରିଥିଲେ। କଲେଜ ଅଧ୍ୟକ୍ଷ ଡ. ଦେବାଶିଷ ପ୍ରଧାନ, ସେକ୍ରେଟାରୀ ଅଜୟ ବେହେରା, ଏନ୍‌ଏସ୍‌ଏସ୍ ଅଫିସର ଡ. ସନ୍ଧ୍ୟା ମହାନ୍ତି, ମାନସ ପାତ୍ର, ରଜତ ରାଉତ, ଦିବ୍ୟଜ୍ୟୋତି ଜେନା ଓ ଇସିକା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବ୍ଲକସ୍ତରୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ

ବାଙ୍କୀ,୧୦।୨(ବି.ପ୍ର.)

ସୁବର୍ଣ୍ଣପୁର ପ୍ରାଣୀ ଚିକିତ୍ସାଳୟ ପରିସରରେ ବ୍ଲକସ୍ତରୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ ପ୍ରାଣୀ ସମ୍ପଦ ବିକାଶ ବିଭାଗ କଟକ ଜିଲା ସୌଜନ୍ୟତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ବ୍ଲକ ଅନ୍ତର୍ଗତ ୨୦ଜଣ ବେକାର ଯୁବତୀଯୁବକଙ୍କୁ ଗୋପାଳନ ସମ୍ପର୍କରେ ଦକ୍ଷତା ବୃଦ୍ଧି କରାଇ ସ୍ୱାବଲମ୍ବନ କରିବା ଉଦ୍ଦେଶ୍ୟରେ ଏହି ଦୁଇଦିନିଆ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ୨୦୨୦-୨୧ ଆର୍ଥିକବର୍ଷ ପାଇଁ ବ୍ଲକସ୍ତରୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ ସ୍ଥାନୀୟ ଅଂଚଳର ୨୦ଜଣ ଗୋପାଳକଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହୋଇପାରିବ ବୋଲି ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଲିଙ୍ଗରାଜ ପରିଜା ଏବଂ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସତ୍ୟରଂଜନ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ପ୍ରକାଶ କରିଥିଲେ। ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ଏବଂ ସୁବର୍ଣ୍ଣପୁର ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଚିତ୍ତରଂଜନ ସେଣ ପ୍ରମୁଖ ଉପସ୍ଥିତ ରହି ଦକ୍ଷତା ବିକାଶ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଡାକ୍ତର ପରିଜା ଗୋପାଳନର ବିଭିନ୍ନ ଦିଗ, ସରକାରୀ ସହଯୋଗ ଓ ଆଦର୍ଶ ଗାଈ ସମ୍ପର୍କରେ ଶିବିରାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। ୨ ଦିନ ଧରି ଏହି ପ୍ରଶିକ୍ଷଣ ଚାଲିବ ବୋଲି ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ କହିଛନ୍ତି।

## ଅଚେତ ଯୁବକ ଉଦ୍ଧାର

ସାଲେପୁର,୧୦।୨( ଡି.ଏନ୍.ଏ)

ସାଲେପୁର ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତାର ଶିଶୁଆ ବଜାରରେ ବୁଧବାର ରାତି ୮ଟାରେ ଅଚେତ ଅବସ୍ଥାରେ ଜଣେ ଅଜଣା ଯୁବକ ରାସ୍ତାପାର୍ଶ୍ୱରେ ପଡ଼ି ରହିଥିବା ଲୋକେ ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକେ ଥାନାକୁ ଖବର ଦେବାରେ ପୋଲିସ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରିବା ସହ ଆମ୍ବୁଲାନ୍ସ ଯୋଗେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅପରପକ୍ଷେ ଯୁବକ ଜଣଙ୍କୁ ଏକ ଘରୋଇ ବସ୍ ସେଠାରେ ଶୁଆଇ ଦେଇ ପଳାଇଥିଲା ବୋଲି ବଜାରରେ ଉପସ୍ଥିତ କେତେଜଣ ଲୋକ କହୁଛନ୍ତି। ଯୁବକଙ୍କ ନିକଟରେ ଏକ ବ୍ୟାଗ୍ ରହିଛି। ସେ କିଭଳି ଅଚେତ ହୋଇ ଏଠାରେ ପଡିଲେ ସେ ନେଇ ପୋଲିସ ତଦନ୍ତ ଚଳାଇଥିବା ଜଣାପଡିଛି।

## ମଧ୍ୟମ ଉଦ୍ୟୋଗୀ ପ୍ରଶିକ୍ଷଣ ଉଦ୍‌ଯାପିତ

ବାଙ୍କୀ,୧୦।୨(ବି.ପ୍ର.)

ବାଙ୍କୀ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ମଧ୍ୟମ ଉଦ୍ୟୋଗୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଡମପଡ଼ା ବ୍ଲକ ଅନ୍ତର୍ଗତ ୨୦ଜଣ କୁକୁଡା ଚାଷୀଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଇଛି। କୁକୁଡା ଚାଷରେ କିଭଳି ଜଣେ ଚାଷୀ ଅଧିକ ଲାଭବାନ୍ ହୋଇପାରିବ, କୁକୁଡ଼ାଙ୍କଠାରେ ଦେଖା ଦେଉଥିବା ରୋଗର ନିରାକରଣ, ଉପଲବ୍ଧ ଅଣ୍ଡା ବିକ୍ରି, ସରକାରୀ ପ୍ରୋତ୍ସାହନ ଓ କୁକୁଡ଼ା ଚାଷର ଉପଯୁକ୍ତ ଯତ୍ନ ସମ୍ପର୍କରେ ଚାଷୀମାନଙ୍କୁ ବିଭିନ୍ନ ଜ୍ଞାନକୌଶଳ ସହ ଉଦ୍ୟୋଗ ବିକାଶ ପାଇଁ ସହଯୋଗ ଓ ପରାମର୍ଶ ପ୍ରଦାନ କରାଯାଇଛି। ଏଥିରେ ଡମପଡ଼ା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସ୍ୱରୂପ ରଞ୍ଜନ ମହାପାତ୍ର, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଅନ୍ତର୍ଯ୍ୟାମୀ ବାରିକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଡା. ଅର୍ପିତା ପାଢ଼ୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଚାଷୀମାନେ।

## ଫୁଟ୍‌ବଲ: ଯୁବଜ୍ୟୋତି କ୍ଲବ ଚାମ୍ପିୟନ୍

ବଡ଼ମ୍ବା, ୧୦।୨(ଡି.ଏନ୍.ଏ.)

ବାପୁଜୀ ଫୁଟ୍‌ବଲ୍ ଆସୋସିଏଶନ୍, ଶଙ୍ଖାମେରୀ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆରେ ଚାଲିଥିବା ବାପୁଜୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଯୁବଜ୍ୟୋତି କ୍ଲବ୍ ପଙ୍କାଳ ଓ ବାପୁଜୀ ଫୁଟବଲ୍ ଆସୋସିଏଶନ୍ ଶଙ୍ଖାମେରୀ ମଧ୍ୟରେ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ସୁଦ୍ଧା କେହି କାହାରିକୁ ଗୋଲ୍ ଦେଇ ପାରି ନ ଥିଲେ। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ପଙ୍କାଳ ଦଳ ଶଙ୍ଖାମେରୀ ଦଳକୁ ଗୋଟିଏ ଗୋଲ୍ ଦେଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ମ୍ବା ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ବଡ଼ମ୍ବା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ ଯୋଗଦେଇ ଚାମ୍ପିୟନ ପଙ୍କାଳ ଓ ରନର୍ସଅପ୍ ଶଙ୍ଖାମେରୀ ଦଳକୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଅଞ୍ଚଳର ଶିକ୍ଷାବିତ୍ ସନାତନ ବେହେରା, ଅବଦୁଲ୍ ଇସ୍‌ମାଇଲ ଖାନ୍, ବିଶିଷ୍ଟ ଫୁଟବଲ ଖେଳାଳି କାର୍ତ୍ତିକ ଚନ୍ଦ୍ର ପୁହାଣଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବାପୁଜୀ ଫୁଟବଲ୍ ଆସୋସିଏଶନ୍ ସଭାପତି ମାନସ ରଞ୍ଜନ ମୁଦୁଲି ପୌରୋହିତ୍ୟ କରିଥିଲେ। ମ୍ୟାଚ୍‌ରେ ମୁଖ୍ୟରେଫରୀ ଭାବେ ବାଦଲ ମହାନ୍ତି, ରାମଚନ୍ଦ୍ର ସାହୁ ଓ ଫକୀର ନାୟକ ପରିଚାଳନାରେ ସହଯୋଗ କରିଥିଲେ।

## ବାତଜ୍ୱର ଔଷଧ ସେବନ ଆରମ୍ଭ

କଟକ ଅଫିସ, ୧୦।୨

ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ସାର୍ବଜନୀନ ବାତଜ୍ୱର ଔଷଧ ସେବନ ଓ ଜାତୀୟ କୃମିନାଶକ କାର୍ଯ୍ୟକ୍ରମ ବୁଧବାରଠାରୁ ଆରମ୍ଭ ହୋଇଛି। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡା. ଅଜିତ୍ ମହାନ୍ତି ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏଥିରେ ଡା. କସ୍ତୁରୀ ମିଶ୍ର ଯୋଗଦେଇ କହିଥିଲେ, ଆଶା କର୍ମୀ ଓ ତାଲିମପ୍ରାପ୍ତ ସାମାଜିକକର୍ମୀ ଘରକୁ ଘର ଯାଇ ବୟସ ଅନୁପାତରେ ଡିଇସି ସହିତ ଆଲବେଣ୍ଡାଜୋଲ୍ ବଟିକା ପିଲାଙ୍କୁ ଖୁଆଇବେ। ଚଳିତବର୍ଷ ଜିଲାରେ ୨୪, ୭୫, ୫୪୭ ଜଣଙ୍କୁ ଔଷଧ ଦିଆଯିବ। ଏଥିପାଇଁ ୫୫୦୦ ଜଣଙ୍କୁ ନିୟୋଜିତ କରାଯାଇଛି। ସେହିପରି ଡା. ମମତା ମହାପାତ୍ର କହିଥିଲେ, ଜାତୀୟ କୃମି ନାଶକ ଦିବସ କାର୍ଯ୍ୟକ୍ରମ ଅବସରରେ ୧ରୁ ୨ ବର୍ଷ ବୟସର ପିଲାଙ୍କୁ ଆଲବେଣ୍ଡାଜୋଲ ସିରପ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ ପ୍ରଦାନ କରିବେ। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ ଯୋଗଦେଇଥିଲେ।

## ଚର୍ଚ୍ଚାରେ ଯାଆଁଳା ଭାଇଙ୍କ ଚିତ୍ରାଙ୍କନ



ଯାଆଁଳା ଭାଇ ସ୍ୱପ୍ନଜିତ୍ ବେହେରା ଓ ଅଶ୍ରୁଜିତ୍ ବେହେରା।

କଟକ ଅଫିସ, ୧୦।୨

କଟକ ଶେଖ୍ ବଜାର ଅଞ୍ଚଳର ଯାଆଁଳା ଭାଇ ସ୍ୱପ୍ନଜିତ୍ ବେହେରା ଓ ଅଶ୍ରୁଜିତ୍ ବେହେରା(୨୦)। ପିଲାବେଳୁ ଚିତ୍ର ଆଙ୍କିବାର ନିଶା ଉଭୟଙ୍କ ମନରେ ରହିଥିଲା। ୬ ବର୍ଷ ବୟସରୁ ଉଭୟ ଚିତ୍ର ଅଙ୍କନ ଆରମ୍ଭ କରିଥିଲେ। ଘରେ ଯେତେବେଳେ ଜେଜେମାଆ ମାଣବସା ଝୋଟି, ଚିତା ଓ ଦୀପାବଳିରେ ରଙ୍ଗୋଲି ପକାନ୍ତି ଉଭୟ ତାହାକୁ ଆଗ୍ରହର ସହ ନିରୀକ୍ଷଣ କରନ୍ତି। ପରବର୍ତ୍ତୀ ସମୟରେ ତାହାକୁ ସାଦା କାଗଜରେ ଆଙ୍କିବାକୁ ଚେଷ୍ଟା କରିଥାନ୍ତି। ଉଭୟଙ୍କ ଏହି ଚେଷ୍ଟା ପରବର୍ତ୍ତୀ ସମୟରେ ସେମାନଙ୍କୁ ଚିତ୍ରକର ବନେଇଦିଏ। ସେମାନଙ୍କ ଦ୍ୱାରା ଅଙ୍କିତ ଚିତ୍ର ଜୀବନ୍ତ ଭଳି ପ୍ରତୀୟମାନ ହୋଇଥାଏ। ବର୍ତ୍ତମାନ ସମୟରେ କାଗଜ, କାନ୍ଥ ସମେତ କପଡା, ଶଙ୍ଖ ଓ ନଡ଼ିଆରେ ବିଭିନ୍ନ ପ୍ରକାର ଚିତ୍ର ଅଙ୍କନ କରିଛନ୍ତି। ଏଥିସହ ସ୍ୟାଣ୍ଡଆର୍ଟ, ଲାଇଭ ଆର୍ଟ, ଫାଇନ ଆର୍ଟ, କାନ୍‌ଭାସ ଆର୍ଟ, ୱାଟର କଲରରେ ଆର୍ଟ, ପୋଷ୍ଟର ଆର୍ଟ, ରଙ୍ଗତୂଳୀରେ ଥ୍ରୀଡି ପେଣ୍ଟିଂ, ମେହେନ୍ଦୀରେ ଆର୍ଟ କରି ସେମାନେ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ଏଥିପାଇଁ ସେମାନେ କମ୍ ବୟସରୁ ଅନେକ ପୁରସ୍କାର ସାଉଣ୍ଟି ଚର୍ଚ୍ଚିତ ହୋଇଛନ୍ତି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଚିତ୍ରକଳା ପ୍ରତିଯୋଗିତାରେ ସ୍ୱପ୍ନଜିତ୍ ୧୪୩ ଥର ଓ ଅଶ୍ରୁଜିତ୍ ୧୫୭ ଥର ପୁରସ୍କୃତ ହୋଇଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱପ୍ନଜିତ୍ ୬ ଥର ଓ ଅଶ୍ରୁଜିତ୍ ୮ଥର ପୁରସ୍କୃତ ହୋଇଛନ୍ତି। ସେମାନେ ଏବେ କଟକ ଖ୍ରୀଷ୍ଟ କଲେଜରେ ଯୁକ୍ତ୩ ବାଣିଜ୍ୟ ଶେଷବର୍ଷରେ ପଢୁଛନ୍ତି। ଏଥିସହ ସ୍ୱପ୍ନଜିତ୍ କାର୍ଟୁନ ଆର୍ଟ ଓ ଅଶ୍ରୁଜିତ୍ ଫ୍ୟାଶନ ଆର୍ଟ ଶିକ୍ଷା ଗ୍ରହଣ କରୁଛନ୍ତି।

### ସାଉଣ୍ଟିଛନ୍ତି ଅନେକ ପୁରସ୍କାର

ଏ ସମ୍ପର୍କରେ ଦୁଇଭାଇ କହିଛନ୍ତି, ଜେଜେମାଆଙ୍କ ଚିତ୍ରାଙ୍କନରେ ଆମେ ଅନୁପ୍ରାଣିତ ହୋଇଛି। ଜେଜେମାଆ ଚିତ୍ର ଆଙ୍କିବାବେଳେ ଆମେ ଦୁଇଭାଇ କାଗଜ ଓ ପେନ୍‌ସିଲ୍ ଧରି ସେହିପରି ଆଙ୍କିବାରେ ଲାଗିପଡୁ। ବିଭିନ୍ନ ସ୍ଥାନକୁ ଜେଜେମାଆଙ୍କ ସହିତ ବୁଲିବାକୁ ଯାଇଥାଉ। ଘରକୁ ଫେରିବା ପରେ ସେଠାକାର ଦୃଶ୍ୟକୁ ଜେଜେମାଆ ଏକ କାଗଜରେ ଆଙ୍କିଥାନ୍ତି। ଆମେ ତାହାକୁ ଦେଖି ଆଙ୍କିବା ପାଇଁ ବସିପଡୁ। ଏବେ ବିଭିନ୍ନ ପ୍ରକାର ଚିତ୍ର ଆଙ୍କିପାରୁଛୁ। ଅନ୍‌ଲାଇନ ମାଧ୍ୟମରେ ମଧ୍ୟ ପେଣ୍ଟିଂ ଅର୍ଡର ରଖୁଛୁ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୧ ଫେବୃୟାରୀ, ୨୦୨୧



**ପୁରୁଣା ଗାଡ଼ି ବଦଳରେ ନୂଆ ଦେବାକୁ କହି ଠକି ନେଲେ ୮ହଜାର**

ଭୁବନେଶ୍ୱର,(ବ୍ୟୁରୋ): ପୁରୁଣା ଗାଡ଼ି ବଦଳ କରି ନୂଆଗାଡ଼ି ନେବାକୁ ଏକ ଶୋ'ରୁମ୍ ସଂସ୍ଥା ପକ୍ଷରୁ ଅଫର ଦିଆଯାଇଥିଲା। ଏଥିପାଇଁ ଏକ ବ୍ୟାଙ୍କ ପକ୍ଷରୁ ଫାଇନାନ୍ସ ହୋଇଯିବ ବୋଲି ଉକ୍ତ ସଂସ୍ଥାର କର୍ମଚାରୀ କହିଥିଲେ। ପରେ କମ୍ପାନୀ କର୍ମଚାରୀ ଋଣ ହୋଇପାରିବ ନାହିଁ ବୋଲି କହିଥିଲେ। କିନ୍ତୁ ପରେ ଉକ୍ତ ଶୋ'ରୁମ ଓ ଫାଇନାନ୍ସ କମ୍ପାନୀର କର୍ମଚାରୀ ହୋଇଯିବ ବୋଲି କହି ୭୨ବର୍ଷୀୟ ଗୋପବନ୍ଧୁ ମିଶ୍ର ନାମକ ଜଣେ ବରିଷ୍ଠ ନାଗରିକଙ୍କ ଠାରୁ ଦୁଇଟି ଚେକ୍ ନେଇଥିଲେ। ଗୋପବନ୍ଧୁ କାର୍ ନେଇ ନ ଥିବାବେଳେ ୩ମାସ ପରେ ମଙ୍ଗଳବାର ତାଙ୍କ ବ୍ୟାଙ୍କ ଏକାଉଣ୍ଟରୁ ୮ହଜାର ଟଙ୍କାର ଟଙ୍କା କଟି ଯାଇଥିବା ଅଭିଯୋଗ କରିଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଅନ୍ତର୍ଜାତୀୟ ଲୋକକଳା ଓ ଜନଜାତି ଚିତ୍ରକଳା ପ୍ରଦର୍ଶନୀ, ରାଜ୍ୟ ସଂଗ୍ରହାଳୟ, ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା।

ବାଲିଅନ୍ତା
- ଶ୍ରୀ ଲକ୍ଷେଶ୍ୱର ମହାଦେବ ଆଞ୍ଚଳିକ ସଂକୀର୍ତ୍ତନ ମହାମଣ୍ଡଳୀର ବାର୍ଷିକ ଉତ୍ସବ, ମନ୍ଦିର ପରିସର, ନଖରା, ସକାଳ ୮ଟା।
- ବଳରାମ ଯୋଜନାରେ ଶୁଭ ଉଦ୍‌ଘାଟନ, ଜଗନ୍ନାଥପୁର ସ୍କୁଲ ପଡ଼ିଆ, ପୂର୍ବାହ୍ନ ୧୦ଟା ୩୦।
- ପ୍ରାଚୀବୁଡ଼, ପାରିବାସୁଦେଇପୁର ଶ୍ରୀ ବନବିହାରୀ ଗାନ୍ଧୀ ପୀଠ, ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀରାମଚରିତ ମାନସ ପାରାୟଣ, ଶ୍ରୀ ରାଧାବଲ୍ଲଭ ଜୀଉ ମନ୍ଦିର ପରିସର, ସନ୍ଧ୍ୟା ୭ଟା ୩୦।

# କୁମ୍ଭମେଳା ଯାତ୍ରୀଙ୍କ ପାଇଁ ମାର୍ଗଦର୍ଶିକା

- ଓଡ଼ିଶା ସରକାରଙ୍କୁ ଚିଠି ଲେଖିଲେ ଉତ୍ତରାଖଣ୍ଡ ସରକାର
- ସ୍ୱାସ୍ଥ୍ୟ ପ୍ରମାଣପତ୍ର, ନେଗେଟିଭ୍ ଆର୍‌ଟିପିସିଆର୍ ବାଧ୍ୟତାମୂଳକ
- ଉତ୍ତରାଖଣ୍ଡ ସରକାରଙ୍କ ପୋର୍ଟାଲରେ ପଞ୍ଜୀକରଣ ଜରୁରୀ

ଭୁବନେଶ୍ୱର, ୧୦।୨(ବ୍ୟୁରୋ)

ଆସନ୍ତା ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଉତ୍ତରାଖଣ୍ଡର ହରିଦ୍ୱାରଠାରେ କୁମ୍ଭମେଳା ଅନୁଷ୍ଠିତ ହେବ। କୋଭିଡ୍ ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସମସ୍ତ ରାଜ୍ୟର କୁମ୍ଭମେଳା ଯାତ୍ରୀଙ୍କ ନିମନ୍ତେ ମାର୍ଗଦର୍ଶିକା ଜାରି କରିଛନ୍ତି। ଉକ୍ତ ମାର୍ଗଦର୍ଶିକାକୁ ଆଧାର କରି ଉତ୍ତରାଖଣ୍ଡ ସରକାର ଓଡ଼ିଶା ସରକାରଙ୍କୁ ଚିଠି ଲେଖିଛନ୍ତି। କୁମ୍ଭମେଳାକୁ ଯିବା ପାଇଁ ପ୍ରଥମେ ଉତ୍ତରାଖଣ୍ଡ ସରକାରଙ୍କ ପୋର୍ଟାଲରେ ନାମ ପଞ୍ଜୀକରଣ କରିବାକୁ ହେବ। ୬୫ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତି, ୧୦ବର୍ଷରୁ କମ୍ ପିଲା, ମଧୁମେହ, ଉଚ୍ଚ ରକ୍ତଚାପ, ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଥିବା ବ୍ୟକ୍ତି ଓ ଗର୍ଭବତୀ ମହିଳାଙ୍କୁ କୁମ୍ଭମେଳା ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ସମସ୍ତ ଦର୍ଶନାର୍ଥୀ ବା ତୀର୍ଥଯାତ୍ରୀମାନେ ନିର୍ଦ୍ଦିଷ୍ଟ ଫର୍ମାଟ୍‌ରେ ସ୍ୱାସ୍ଥ୍ୟ ପ୍ରମାଣପତ୍ର ପ୍ରଦାନ କରିବା ବାଧ୍ୟତାମୂଳକ କରାଯାଇଛି। କୁମ୍ଭମେଳାରେ ପ୍ରବେଶ ସମୟରେ ୭୨ଘଣ୍ଟା ମଧ୍ୟରେ କୋଭିଡ୍-୧୯ ନେଗେଟିଭ୍ ରହିଥିବା ଆର୍‌ଟିପିସିଆର୍ ରିପୋର୍ଟ ଦାଖଲ କରିବେ। ସବୁସମୟରେ ସେମାନେ ଆରୋଗ୍ୟ ସେତୁ ଆପ୍ ବ୍ୟବହାର କରିବେ। ଯାତ୍ରା ପୂର୍ବରୁ ସମ୍ପୃକ୍ତ ରାଜ୍ୟ ସରକାରଙ୍କ କୋଭିଡ୍ ମାର୍ଗଦର୍ଶିକା ଅନୁପାଳନ ସମ୍ପର୍କରେ ଅବଗତ ରହିବେ। କୁମ୍ଭମେଳାରୁ ନିଜ ରାଜ୍ୟକୁ ଫେରିବା ପରେ ସେମାନେ ପୁନଶ୍ଚ କୋଭିଡ୍ ପରୀକ୍ଷା କରାଇବେ ବା ରାଜ୍ୟ ସରକାରଙ୍କ ସକ୍ରିୟ ତଦାରଖ ବ୍ୟବସ୍ଥାର ସମ୍ମୁଖୀନ ହେବାରେ ସହଯୋଗ କରିବେ।

କୁମ୍ଭମେଳାରେ ପ୍ରତିଦିନ ପ୍ରାୟ ୧୦ଲକ୍ଷ ଲୋକଙ୍କ ସମାଗମ ହୋଇଥାଏ। ବିଭିନ୍ନ ଦିନରେ ହରିଦ୍ୱାରର 'ହର କି ପୌଡ଼ି ଘାଟ' ଏବଂ ହରିଦ୍ୱାରଠାରେ ଲକ୍ଷ ଲକ୍ଷ ଭକ୍ତ ସ୍ନାନ କରିଥାନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପୂର୍ଣ୍ଣଚନ୍ଦ୍ର



@ ଚିନ୍ମୟ



@ ରାଜଲକ୍ଷ୍ମୀ



@ ନୀଳକଣ୍ଠ



@ ମନୋଜ

# ପରିଚୟ ପାଇଁ ଏନ୍‌ସିଆର୍‌ବିକୁ ଗଲା ଫିଙ୍ଗରପ୍ରିଣ୍ଟ୍ସ

**ମହିଳାଙ୍କ ବେକ କାଟି ହତ୍ୟା ଘଟଣା**

- ରାଜ୍ୟର ୧୨ ଜିଲାରେ ଛାନ୍‌ଭିନ୍ କରିଛି ପୋଲିସ
- ଫୋନ୍ କଲ୍ ପାଇ ରାଜ୍ୟ ବାହାରକୁ ଗଲା ଟିମ୍



ଭୁବନେଶ୍ୱର,୧୦।୨(ବ୍ୟୁରୋ)

ଭୁବନେଶ୍ୱର ଚନ୍ଦକା ଥାନା ଅନ୍ତର୍ଗତ ଅନ୍ଧାରୁଆ ଦାସପୁର ରାସ୍ତା ପାର୍ଶ୍ୱରୁ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ମିଳିବା ଘଟଣାକୁ ୮ଦିନ ବିତିଛି। ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ ମଧ୍ୟ ଏଯାଏ ମହିଳାଙ୍କ ପରିଚୟ ପାଇପାରିନାହିଁ। ହତ୍ୟାକାରୀଙ୍କ ପାଖରେ ପହଞ୍ଚିବା ତ ଦୂରର କଥା ପରିଚୟ ପାଇଁ ପୂରା ତଦନ୍ତ ଅଟକି ଯାଇଥିବାରୁ କମିଶନରେଟ୍ ପୋଲିସ ବିଭିନ୍ନ ପନ୍ଥା ଆପଣାଇଛି। ମୃତା ମହିଳାଙ୍କ ପୋଷ୍ଟର ମାରିବା, ନମ୍ବର ଜାରି କରିବା, ପୁରସ୍କାର ରାଶି ଘୋଷଣା କରିବା ପରେ ପୋଲିସ ଏବେ ମହିଳାଙ୍କ ଫିଙ୍ଗରପ୍ରିଣ୍ଟ୍ସରୁ ପରିଚୟ ଜାଣିବାକୁ ଉଦ୍ୟମ କରୁଛି। ଉକ୍ତ ଫିଙ୍ଗରପ୍ରିଣ୍ଟ୍ସକୁ ଡିଜିଟାଇଜ୍ କରାଯାଇ ଜାତୀୟ କ୍ରାଇମ୍ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)କୁ ପଠାଯାଇଛି। ଏନ୍‌ସିଆର୍‌ବିରେ ସାରା ଦେଶର ଲୋକଙ୍କ ଆଧାର ସମ୍ପର୍କିତ ତଥ୍ୟ ରହିଛି। ତେଣୁ ସେଠାରୁ ମହିଳାଙ୍କ ପରିଚୟ ମିଳିବା ଆଶା ଅଧିକ ରହିଥିବା ଡିସିପି ଉମାଶଙ୍କର ଦାଶ କହିଛନ୍ତି। ଏଥିସହିତ କମିଶନରେଟ୍ ପୋଲିସର ୬ଟି ଜୋନ୍‌ର ଅଫିସରଙ୍କୁ ମହିଳାଙ୍କ ସମ୍ପର୍କରେ ଛପା ଯାଇଥିବା ୧୨୦୦ଟି ପୋଷ୍ଟର ଦିଆଯାଇଛି। ସେମାନେ ରାଜଧାନୀର ବସ୍ତିଗୁଡ଼ିକରେ ଏହି ପୋଷ୍ଟର ଲଗାଉଛନ୍ତି। ସେହିପରି ସୋସିଆଲ ମିଡ଼ିଆରେ ମଧ୍ୟ ପୋଷ୍ଟରକୁ ସେୟାର କରାଯାଉଛି।

ଅନ୍ୟପକ୍ଷରେ ମହିଳାଙ୍କ ସମ୍ପର୍କରେ ମଙ୍ଗଳବାର ରାଜ୍ୟ ବାହାରୁ ଏକ ଫୋନ୍ କଲ ଆସିଥିଲା। ଏହାପରେ କମିଶନରେଟ୍ ପୋଲିସର ଏକ ଟିମ୍ ରାଜ୍ୟ ବାହାରକୁ ଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଇତିମଧ୍ୟରେ ଯାଜପୁର ସମେତ ରାଜ୍ୟର ୧୨ ଜିଲାକୁ ପୋଲିସ ଟିମ୍ ଯାଇ ଛାନ୍‌ଭିନ କରି ଫେରିଛନ୍ତି। ହେଲେ କେଉଁଠାରୁ ବି ମହିଳାଙ୍କ ସମ୍ପର୍କରେ ସନ୍ତୋଷଜନକ ତଥ୍ୟ ମିଳିପାରିନାହିଁ। ସେପଟେ ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ମହିଳାଙ୍କ ମୃତଦେହକୁ ଆସନ୍ତା ୧୨ ତାରିଖ ଯାଏ ହସ୍ପିଟାଲ ଶବ ସଂରକ୍ଷିତ ଗୃହରେ ରଖାଯାଇଛି।

## ସଂକ୍ଷେପରେ

### ସୁଧା ମିଶ୍ର ପାଇବେ ପ୍ରଣବ ପରମ୍ପରା ସମ୍ମାନ

**ଭୁବନେଶ୍ୱର,୧୦।୨(ବ୍ୟୁରୋ):** ଓଡ଼ିଆ ସ୍ୱାଭିମାନ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ସୁରକ୍ଷା ଓ ପ୍ରସାର ଉଦ୍ଦେଶ୍ୟରେ ସମ୍ଭାବନା ପକ୍ଷରୁ ଆସନ୍ତା ୨୦ ତାରିଖ ସନ୍ଧ୍ୟାରେ ଆୟୋଜିତ ହେବ ବିଶ୍ୱ ମାତୃଭାଷା ଦିବସ ସମାରୋହ। ଏହି ଅବସରରେ ସଙ୍ଗୀତ ଗାୟନ ମାଧ୍ୟମରେ ଓଡ଼ିଆ ଭାଷାକୁ ସମୃଦ୍ଧ କରିଥିବା ଗାୟକ ପ୍ରଣବ କିଶୋର ପଟ୍ଟନାୟକଙ୍କ ସଙ୍ଗୀତର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ପ୍ରଣବ ପ୍ରତିଧ୍ୱନି' ଜୟଦେବ ଭବନଠାରେ ଆୟୋଜିତ ହେବ। ଏହି ଉତ୍ସବରେ ପ୍ରଖ୍ୟାତ ଗାୟିକା ସୁଧା ମିଶ୍ର 'ପ୍ରଣବ ପରମ୍ପରା' ସମ୍ମାନରେ ସମ୍ବର୍ଦ୍ଧିତ ହେବେ। ପୂର୍ବରୁ ଶାନ୍ତିଲତା ବାରିକ, ତୃପ୍ତି ଦାସ, ସ୍ୱରୂପା ଚକ୍ରବର୍ତ୍ତୀ, ଗୀତା ପଟ୍ଟନାୟକ, ଚିତ୍ତ ଜେନା, ଆରତୀ ମିଶ୍ର, ଶ୍ୟାମାମଣି ଦେବୀ, ଶେଖର ଘୋଷ, ଶ୍ରୀକାନ୍ତ ଦାସ, ସୁବାସ ଦାଶ, ସତ୍ୟ ରଥ, ସନ୍ତୋଷ ଦାଶ 'ପ୍ରଣବ ପରମ୍ପରା' ସମ୍ମାନ ଗ୍ରହଣ କରି ସାରିଛନ୍ତି। ପ୍ରଣବ ଗାଇଥିବା ସଙ୍ଗୀତର ତିନୋଟି ପର୍ଯ୍ୟାୟରେ ପ୍ରଣବ କିଶୋର ପଟ୍ଟନାୟକଙ୍କ ସହ ଛନ୍ଦା ମିଶ୍ର, ଲିପ୍‌ସା ମିଶ୍ର, ସିଦ୍ଧାନ୍ତ ଶତପଥୀ, ଅର୍ଣ୍ଣବ ପଣ୍ଡା, ରତିକା ରିମ୍ ଝିମ୍, ଈପ୍‌ସିତା ମହାନ୍ତି, ପୁଣ୍ୟତା ଦାଶ ଓ ବିପୁଲ ଆଦି ଓଡ଼ିଶାର ଜଣାଶୁଣା ସଂଗୀତ ଶିଳ୍ପୀମାନେ ସ୍ୱର ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସମ୍ଭାବନାର ପରିଚାଳନା ଟ୍ରଷ୍ଟି ଦେବ ପ୍ରସାଦ ପରିଜା ସୂଚନା ଦେଇଛନ୍ତି।

### ଯୁବକଙ୍କ ପାଟିରେ ପିସ୍ତଲ ଭର୍ତ୍ତି କରି ଖଣ୍ଡାରେ ହାଣିଲେ

**ଭୁବନେଶ୍ୱର,୧୦।୨(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡମଣା ଅଞ୍ଚଳରେ ଜଣେ ଯୁବକଙ୍କୁ ବୁଧବାର ରାତିରେ କେତେକ ଯୁବକ ଖଣ୍ଡାରେ ଆକ୍ରମଣ କରିବା ସହ ପାଟିରେ ପିସ୍ତଲ ଭର୍ତ୍ତି କରି ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ସୌମ୍ୟରଞ୍ଜନ ସାହୁ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଜିଲା ମୁଖ୍ୟ କାରାଗାରରେ କଏଦୀଙ୍କୁ ସିଧାସଳଖ ଭେଟିପାରିବେ ପରିବାର

**ଭୁବନେଶ୍ୱର,୧୦।୨(ବ୍ୟୁରୋ):** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟର ଜେଲ୍‌ଗୁଡ଼ିକରେ 'ମୁଲାକାତ' ସେବାକୁ ବନ୍ଦ ରଖାଯାଇଥିଲା। ବିକଳ୍ପ ପଦକ୍ଷେପ ସ୍ୱରୂପ କେବଳ ଭିଡିଓ କଲିଂ ମାଧ୍ୟମରେ 'ଇ-ମୁଲାକାତ' ହେଉଥିଲା। ଏବେ କରୋନା ସ୍ଥିତିରେ ସୁଧାର ଆସିଥିବାରୁ ଜେଲ୍‌ରେ ପୂର୍ବଭଳି 'ମୁଲାକାତ' ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଗୃହ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ କୋଭିଡ୍ ଗାଇଡ୍‌ଲାଇନ ପାଳନ କରିବାକୁ ବିଭାଗ କହିଛି। ଏହି ନିର୍ଦ୍ଦେଶ ପରେ ଜେଲ ବିଭାଗ ଏଥିପାଇଁ ପଦକ୍ଷେପ ନେଇଛି। ଇତିମଧ୍ୟରେ ୩୦ ଜିଲା ମୁଖ୍ୟ କାରାଗାରକୁ ଅନୁମତି ମିଳିସାରିଥିବାବେଳେ ବାକି ୫୬ ପାଇଁ ରାଜ୍ୟ ସରକାରଙ୍କ ଅନୁମତି ମଗାଯାଇଛି। ରାଜ୍ୟର ୯୧ଟି ଜେଲ୍ ଥିବାବେଳେ ଏଥିମଧ୍ୟରୁ ୮୬ଟିରେ ପାଖାପାଖି ୧୮୯୮୦ଜଣ କଏଦୀ ରହୁଛନ୍ତି। ତେବେ ରାଜ୍ୟର କରୋନା ସଂକ୍ରମଣ ଆରମ୍ଭ ହେବାରୁ ଗତ ମାର୍ଚ୍ଚ ୧୮ରୁ ଜେଲ୍‌ରେ କଏଦୀମାନେ ପରିବାର ଲୋକଙ୍କୁ ଭେଟିବା ବ୍ୟବସ୍ଥାକୁ ବନ୍ଦ କରିଦିଆଯାଇଥିଲା। କଏଦୀମାନେ ଜେଲ୍ ପକ୍ଷରୁ ଯୋଗାଇ ଦିଆଯାଇଥିବା ସ୍ମାର୍ଟଫୋନ୍‌ରେ ଘରଲୋକଙ୍କ ସହ ଭିଡ଼ିଓ କଲିଂ କରି କଥା ହୋଇଥିଲେ। ଇତିମଧ୍ୟରେ ୪୪ ଜେଲ୍‌ର ୧୫୯୧ଜଣ କଏଦୀ କରୋନାରେ ସଂକ୍ରମିତ ହୋଇଥିବାବେଳେ ୭ଜଣଙ୍କ ମୃତ୍ୟୁ ଘଟିଥିଲା। ପରେ କଏଦୀଙ୍କ ସହ ଓକିଲଙ୍କ ସାକ୍ଷାତ୍‌କୁ ମଧ୍ୟ ବନ୍ଦ କରି ଦିଆଯାଇଥିଲା।



ଭୁବନେଶ୍ୱରସ୍ଥିତ ରାଜ୍ୟ ସଂଗ୍ରହାଳୟଠାରେ ଚାଲିଥିବା ଅନ୍ତର୍ଜାତୀୟ ଲୋକକଳା ଓ ଜନଜାତି ଚିତ୍ରକଳା ପ୍ରଦର୍ଶନୀରେ କଳାକାରଙ୍କ ନୃତ୍ୟ ପରିବେଷଣ।

## ଏକାମ୍ର ଜନଜାଗରଣ ମଞ୍ଚର ବିକ୍ଷୋଭ

ପୁରୁଣା ଭୁବନେଶ୍ୱର, ୧୦।୨(ଡି.ଏନ୍.ଏ.)

ଜାତୀୟ ଐତିହ୍ୟ ପ୍ରାଧିକରଣ ଦ୍ୱାରା ପାରିତ ବାଇ ଲ ଯୋଗୁ ଏକାମ୍ର କ୍ଷେତ୍ରର ବିକାଶରେ ପ୍ରତିବନ୍ଧକ ସାଜିଛି। ଏହାକୁ ପ୍ରତ୍ୟାହାର ଦାବିରେ ବୁଧବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଶ୍ରୀଲିଙ୍ଗରାଜ ମନ୍ଦିର ଆଗରେ ବିକ୍ଷୋଭ କରାଯାଇଥିଲା। ଆଇନ କାର୍ଯ୍ୟକାରୀ ହେବା ପୂର୍ବରୁ ସ୍ଥାନୀୟ ସେବାୟତ, ଜନପ୍ରତିନିଧି ଓ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବାର ଥିଲା ବୋଲି ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକ କହିଛନ୍ତି। ନିରୁପମା ସାହୁ, କୁନି ସାହୁ, ବନମାଳୀ ବଡୁ, ରୋଜିନା ମିଶ୍ର, ଉମାକାନ୍ତ ଖୁଣ୍ଟିଆ, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ସୁଲତା ସାହାଣୀ ଉପସ୍ଥିତ ଥିଲେ।

# ଧରମ ଭାଇ ସାଜି ୩୦ ହଜାର ଟଙ୍କା ଲୁଟିଲେ

ଭୁବନେଶ୍ୱର,୧୦।୨(ବ୍ୟୁରୋ)

ରଙ୍ଗ୍ ନମ୍ବରରୁ ସମ୍ପର୍କ ଯୋଡ଼ିଲେ। ଧରମ ଭାଇ ହୋଇ ବିଶ୍ୱାସ ବଢ଼ାଇଲେ। ଶେଷରେ ଯୁବତୀ ଓ ତାଙ୍କ ମା'ଙ୍କୁ ଭୁବନେଶ୍ୱର ବୁଲାଇ ୩୦ ହଜାର ସହ ଏଟିଏମ୍ ଓ ବ୍ୟାଙ୍କ୍ ପାସ୍‌ବୁକ୍ ଆଦି ଲୁଟିନେଲେ। ଲୁଟ୍‌ର ଶିକାର ମା'ଝିଅ ବୁଧବାର ଖାରବେଳନଗର ଥାନାରେ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି। ଅଭିଯୋଗକାରିଣୀ ଯୁବତୀଙ୍କ ଘର ମୟୂରଭଞ୍ଜରେ। ଯୁବକ ଜଣକ ରଙ୍ଗ୍ ନମ୍ବରରେ ଯୁବତୀଙ୍କ ସହ ପ୍ରଥମେ କଥା ହୋଇଥିଲେ। ପରେ ବାରମ୍ବାର ଫୋନ୍ କରି ମିଠା କଥା କହି ତାଙ୍କୁ ଧରମ ଭଉଣି ସଜାଇ ଦେଇଥିଲେ। କିଛିଦିନପରେ ଉଭୟ ପରସ୍ପରକୁ ଭେଟିବାକୁ ଯୋଜନା କଲେ। ବୁଧବାର ଯୁବତୀ ତାଙ୍କ ମା'ଙ୍କ ସହ ଭୁବନେଶ୍ୱର ରାମ ମନ୍ଦିରରେ ପହଞ୍ଚି ଉକ୍ତ ଯୁବକଙ୍କ ହାତରେ ଡୋରି ବାନ୍ଧି ମିଠା ଖୁଆଇ ଧରମ ଭାଇ କରିଥିଲେ। କିନ୍ତୁ ଯୁବତୀଙ୍କ ସରଳତାର ଫାଇଦା ନେବାକୁ ଯୁବକ ଜଣକ ଯୋଜନା କରିସାରିଥିଲେ। ସେ ଯୁବତୀଙ୍କ ଆକାଉଣ୍ଟକୁ ୨ଲକ୍ଷ ଟଙ୍କା ଟ୍ରାନ୍ସଫର କରିବେ ବୋଲି କହି ସେମାନଙ୍କୁ ସ୍କୁଟିରେ ବସାଇ ବ୍ୟାଙ୍କଯିବାକୁ କହିଥିଲେ। ପରେ ସେମାନଙ୍କୁ ବିଭିନ୍ନ ଗଳିକନ୍ଦିରେ ବୁଲାଇ ସାରି କଳ୍ପନା ଛକ ନିକଟରେ ହେଲମେଟ୍ ଚେକିଂ ହେଉଥିବା କହି ଗାଡ଼ିରୁ ଓହ୍ଲାଇ ଦେଇଥିଲେ। ଏହି ସମୟରେ ଯୁବକ ଜଣକ ତାଙ୍କଠାରୁ ଭ୍ୟାନିଟ୍ ନେଇ ଚମ୍ପଟ ମାରିଥିଲେ। ଭ୍ୟାନିଟ୍‌ରେ ଟଙ୍କା, ଏଟିମ୍ କାର୍ଡ ଓ ବ୍ୟାଙ୍କ୍ ପାସ୍‌ବୁକ୍ ଥିଲା।

# ଠକେଇ: ୧୯ ହଜାର ହରାଇଲେ ଅଧ୍ୟାପିକା

ଭୁବନେଶ୍ୱର,୧୦।୨(ବ୍ୟୁରୋ)

ସାଇବର ଠକେଇର ଶିକାର ହୋଇଛନ୍ତି ଜଣେ ଘରୋଇ କଲେଜର ଅଧ୍ୟାପିକା। ସେ ନିଜ ୱାଶିଂମେଶିନ ବିକ୍ରିପାଇଁ ଓଏଲ୍‌ଏକ୍ସରେ ବିଜ୍ଞାପନ ଦେଇ ୧୯ ହଜାର ଟଙ୍କା ହରାଇବା ପରେ ସାଇବର ଡେସ୍କର ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁଯାୟୀ, ଅଧ୍ୟାପିକା ଜଣକ ନିଜ ପୁରୁଣା ୱାଶିଂମେଶିନ ବିକ୍ରି ପାଇଁ ଓଏଲ୍‌ଏକ୍ସରେ ବିଜ୍ଞାପନ ଦେଇଥିଲେ। ଦାମ୍ ୧୦ ହଜାର ଟଙ୍କା ରଖିଥିଲେ। ମଙ୍ଗଳବାର ତାଙ୍କ ନିକଟକୁ ଏକ ଫୋନ୍ କଲ୍ ଆସିଥିଲା। ଜଣେ ଯୁବକ ହିନ୍ଦୀରେ କଥା ହେବା ସହ ଉକ୍ତ ୱାଶିଂମେଶିନ କିଣିବା ପାଇଁ ଇଚ୍ଛୁକ ଥିବା କହିଥିଲେ। ଭୁବନେଶ୍ୱର ରେଳ ଷ୍ଟେଶନ ନିକଟ ମମତା ଫର୍ନିଚର ଦୋକାନର ମାଲିକ ବୋଲି ପରିଚୟ ଦେଇ ତାଙ୍କ ଦୋକାନ ପିଲା ଘରକୁ ଯାଇ ଜିନିଷ ନେଇ ଆସିବେ ବୋଲି କହିଥିଲେ। ତେବେ ଗୁଗୁଲ ପେ' ମାଧ୍ୟମରେ ଟଙ୍କା ଦେବେ ବୋଲି ସେ ଅଧ୍ୟାପିକାଙ୍କୁ କହିଥିଲେ। ଯୁବକଙ୍କ କଥାରେ ବିଶ୍ୱାସ କରି ଅଧ୍ୟାପିକା ଜଣକ ତାଙ୍କୁ ଗୁଗଲ୍ ପେ' ନମ୍ବର ଦେଇଥିଲେ। ଏହାପରେ ଯୁବକ ଜଣକ ନିଶ୍ଚିତ କରିବା ପାଇଁ ତାଙ୍କ ଗୁଗୁଲ୍ ପେ ନମ୍ବରକୁ ୫ ଟଙ୍କା ପଠାଇବା ସହ ଏକ ସ୍କାନ୍ କୋଡ୍ ପଠାଇଥିଲେ। ଉକ୍ତ ସ୍କାନ୍‌କୋଡ୍‌କୁ ସ୍କାନ୍‌କଲେ ଆକାଉଣ୍ଟକୁ ଟଙ୍କା ଯିବ ବୋଲି ଯୁବକ ଜଣକ ଅଧ୍ୟାପିକାଙ୍କୁ କହିଥିଲେ। ତେବେ ତାଙ୍କ କଥା ଅନୁସାରେ ସେ କୋଡ୍‌କୁ ସ୍କାନ୍ କରିବା ମାତ୍ରେ ଆକାଉଣ୍ଟରୁ ୧୯ ହଜାର ଟଙ୍କା କଟିଯାଇଥିଲା।

# ଅପରାଧ ରୋକିବାକୁ ମାଷ୍ଟର ପ୍ଲାନ୍

**ଡିସିପିଙ୍କ ନେତୃତ୍ୱରେ ବସିଲା ସମୀକ୍ଷା ବୈଠକ**



ଭୁବନେଶ୍ୱର,୧୦।୨(ବ୍ୟୁରୋ)

ରାଜଧାନୀର ବିଭିନ୍ନ ଥାନାଞ୍ଚଳରେ ଡକାୟତି, ଲୁଟ ଓ ଛିନ୍ତାଇ ବୃଦ୍ଧି ପାଇବାରେ ଲାଗିଛି। ନିକଟରେ ଚନ୍ଦକା ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ବେକକୁ ହାଣି ଅଭିଯୁକ୍ତ ମୁଣ୍ଡ ନେଇ ଫେରାର ହୋଇଯିବା ଘଟଣା ପୋଲିସର ମୁଣ୍ଡ ବିନ୍ଧାର କାରଣ ସାଜିଛି। ମଙ୍ଗଳବାର ସକାଳେ ଲକ୍ଷ୍ମୀସାଗର ଓ ଏୟାରପୋର୍ଟ ଥାନା ଅଞ୍ଚଳରେ ୩ଯୁବକ ବାଇକରେ ବୁଲି ବୁଲି ପ୍ରାତଃ ଭ୍ରମଣରେ ଯାଉଥିବା ୨ବୃଦ୍ଧାଙ୍କ ବେକରେ କଟୁରି ଲଗାଇ ସୁନା ଚେନ ଲୁଟି ନେଇଥିଲେ। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ରହୁଥିବା ଏକ ବୈଦ୍ୟୁତିକ ଗଣମାଧ୍ୟମର ଭିଜୁଆଲ ଏଡିଟର ଅଶୋକ ପାଣିଗ୍ରାହୀଙ୍କ ମା' ଫୁଲ ତୋଳିବାକୁ ଯାଇଥିବାବେଳେ ଘରେ ପଶି ଦୁର୍ବୃତ୍ତମାନେ ୧୦ଲକ୍ଷ ସୁନା ଗହଣା ନେଇଯାଇଥିଲେ। ଏଭଳିସ୍ଥିତିରେ ରାଜଧାନୀରେ ଜନସାଧାରଣଙ୍କ ଜୀବନ ଏବଂ ସମ୍ପତ୍ତିକୁ ସୁରକ୍ଷା ଦେବାକୁ ଡିସିପି ଉମାଶଙ୍କର ଦାଶ ଗୁରୁତ୍ୱ ଦେଇଛନ୍ତି। ଡିସିପଙ୍କ ନେତୃତ୍ୱରେ ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ କାର୍ଯ୍ୟରତ ଏସ୍‌ଆଇଙ୍କ ସମେତ ଅତିରିକ୍ତ ଡିସିପିଙ୍କ ଉପସ୍ଥିତିରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ରହୁଥିବା ଅଭ୍ୟାସଗତ ଅପରାଧୀ ଓ ହାର୍ଡକୋର ଅପରାଧୀଙ୍କୁ ଚିହ୍ନଟ କରାଯିବା ସହ ତାଲିକା ପ୍ରସ୍ତୁତ କରାଯାଇଛି। କେଉଁ ଅପରାଧରେ ସେମାନେ ଜେଲ ଭିତରେ ରହିଛନ୍ତି ଓ କେଉଁମାନେ ଜେଲ୍ ବାହାରେ ରହିଛନ୍ତି ଓ କେଉଁ ପ୍ରକାର ଅପରାଧରେ ତାଙ୍କର ସମ୍ପୃକ୍ତି ରହିଛି ତାହାର ତଥ୍ୟ ଥାନାର ଏସ୍‌ଆଇମାନେ ପ୍ରସ୍ତୁତ କରିଛନ୍ତି। ଏଭଳି ପ୍ରତି ଥାନା ଅଞ୍ଚଳରୁ ୧୦୦ ଲେଖାଏ ଅପରାଧୀଙ୍କୁ ଚିହ୍ନଟ କରାଯାଇଛି। ଯାହାର ସମୀକ୍ଷା କରିଛନ୍ତି ଭୁବନେଶ୍ୱର ଡିସିପି ଉମାଶଙ୍କର। ଗତ କିଛି ଦିନ ଧରି ବିଭିନ୍ନ ଥାନା ଅଞ୍ଚଳରୁ ଘଟିଥିବା ଛିନ୍ତାଇ, ଲୁଟ, ଚୋରି, ଡକାୟତି ଘଟଣାର ରିପୋର୍ଟ ପ୍ରସ୍ତୁତ ହୋଇଛି। ଏହାକୁ କିପରି ରୋକାଯାଇପାରିବ ସେଥିପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଛି। କିପରି ଅଭିଯୋଗର ତୁରନ୍ତ ତଦନ୍ତ ସହ ସାଇଣ୍ଟିଫିକ୍ ଓ ଫରେନ୍‌ସିକ ରିପୋର୍ଟ ମାଧ୍ୟମରେ ପୋଲିସ କିପରି ଅପରାଧୀଙ୍କ ପାଖରେ ପହଞ୍ଚି ପାରିବ ସେନେଇ ବୈଠକରେ ଆଲୋଚନା କରାଯାଇଛି।

## ପଳାଶୁଣୀରେ ମହିଳା କ୍ରୀଡ଼ା ପ୍ରତିଯୋଗିତା

ବାଲିଅନ୍ତା,୧୦।୨(ଡି.ଏନ୍.ଏ.)

ଭୁବନେଶ୍ୱର ମହାନଗର ନିଗମ ୧୮ ନଂ. ୱାର୍ଡ ଅଧୀନ ପଳାଶୁଣୀ ପ୍ରାଚୀବିହାରସ୍ଥିତ ବିଜୁ ପଟ୍ଟନାୟକ ଖେଳପଡ଼ିଆରେ ବୁଧବର ଦିନିକିଆ ମହିଳା କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମା' ଖଣ୍ଡେଶ୍ୱରୀ ମହିଳା ସମିତି ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ୪୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ମଧ୍ୟରେ ୧୦୦, ୨୦୦ ମିଟର ଦୌଡ଼, ସଙ୍ଗୀତ, ହୁଳହୁଳି ଓ ପୁଚି ଆଦି ୧୦ଟି ଇଭେଣ୍ଟ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ମୋ ପରିବାର ସମ୍ପାଦକ ସୁବାସ ପାତ୍ର, ବିଭୂତି ତ୍ରିପାଠୀ ଓ ରମେଶ ସାହୁ, ରଞ୍ଜିତା କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାକୁ ମହାସଂଘର ସମ୍ପାଦିକା ପୂଜାରାଣୀ ଜେନା ଓ ମହିଳା ସମିତିର ସଭାନେତ୍ରୀ ବିଷ୍ଣୁପ୍ରିୟା ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ତ୍ରିବେଣୀ ମହୋତ୍ସବ ଉଦ୍‌ଘାଟିତ

ବାଲିପାଟଣା,୧୦।୨(ଡି.ଏନ୍.ଏ.)

ବାଲିପାଟଣା ବ୍ଲକ ତ୍ରିବେଣୀଶ୍ୱର ପଡ଼ିଆରେ ବୁଧବାର ଐତିହ୍ୟ ତ୍ରିବେଣୀ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଆମ ସଙ୍ଗଠନ ଓ ତ୍ରିବେଣୀ ଲାୟନ୍ସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳେଇ, ସମ୍ମାନିତ ଅତିଥି ଆମ ସଙ୍ଗଠନ ସଭାପତି କମଳ ପାତ୍ର, ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୁତି ବଳବନ୍ତରାୟ, ରାଜେଶ ରାୟ, ସୁଚିତ୍ରା ଜେନାମଣି ଓ ଅମରେଶ ଜେନା ଯୋଗଦେଇ କହିଥିଲେ, ବିଲୁପ୍ତ ସଂସ୍କୃତି ଏବଂ ପରମ୍ପରାର ପୁନରୁଦ୍ଧାର କରିବା ପାଇଁ ଏପରି ମହୋତ୍ସବର ଆବଶ୍ୟକତା ରହିଛି। ସଂସ୍କୃତି ଓ ପରମ୍ପରା ହେଉଛି ଓଡ଼ିଆ ଜାତିର ପରିଚୟ। ପରେ ନିର୍ଦ୍ଦେଶକ ରମାକାନ୍ତ ରାଉଳଙ୍କ ନିର୍ଦ୍ଦେଶନାରେ ଶାରଳା ଘଟ ନୃତ୍ୟ ଗ୍ରୁପ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଜୟଦେବ ଗୋଟିପୁଅ ଓଡ଼ିଶୀ ଗ୍ରୁପ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ଘୋଡ଼ାନାଚ ଓ ରାମଲୀଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବିଜେଡି ବ୍ଲକ ସଭାପତି କିଶୋର ଜେନା, ବାଲିଅନ୍ତା ବିଜେଡି ବ୍ଲକ ସଭାପତି ପ୍ରଦୀପ ଜେନାମଣି, ଜ୍ୟୋତିରଞ୍ଜନ ନାୟକ, ପ୍ରୀତମ ପ୍ରଧାନ, କଳିଙ୍ଗ କେଶରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୧୩ ପର୍ଯ୍ୟନ୍ତ ଘୁଞ୍ଚିଲା ପ୍ରଥମ ଡୋଜ୍ ଟିକାକରଣ

**୧୫ରୁ ଦ୍ୱିତୀୟ ଡୋଜ୍**

ଭୁବନେଶ୍ୱର, ୧୦।୨(ବ୍ୟୁରୋ)

ସାରା ରାଜ୍ୟରେ ଏବେ କରୋନା ଟିକାକରଣ ଜାରି ରହିଛି। ୧୦ ତାରିଖ ସୁଦ୍ଧା ସ୍ୱାସ୍ଥ୍ୟ କର୍ମୀଙ୍କୁ ପ୍ରଥମ ଡୋଜ୍ ଶତ ପ୍ରତିଶତ ହାସଲ ପାଇଁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ଜିଲାଗୁଡ଼ିକ ଏହା ହାସଲ କରିପାରି ନାହାନ୍ତି। ତେଣୁ ଯେଉଁମାନେ ଟିକା ନେଇନାହାନ୍ତି ସେମାନଙ୍କ ପାଇଁ ଆଉ ୩ଦିନ ବୃଦ୍ଧି କରାଯାଇଛି। ଆସନ୍ତା ୧୩ ତାରିଖ ସୁଦ୍ଧା ୧୦୦% ଟିକାକରଣ ନିଶ୍ଚିତ କରିବାକୁ ସମସ୍ତ ଜିଲାକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପକ୍ଷରୁ ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇଦିଆଯାଇଛି। ସେହିଭଳି ସ୍ୱାସ୍ଥ୍ୟ କର୍ମୀଙ୍କ ଦ୍ୱିତୀୟ ଡୋଜ୍ ଟିକାକରଣ (ପ୍ରଥମ ଡୋଜ୍‌ର ୨୮ଦିନ ପରେ) ଆସନ୍ତା ୧୫ ତାରିଖରୁ ଆରମ୍ଭ ହେବ। ସମସ୍ତ ଜିଲା ଏହାକୁ ସୁନିଶ୍ଚିତ କରିବା ସହ ସେହି ଅନୁଯାୟୀ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି।

ଅପରପକ୍ଷରେ ବୁଧବାର ୮୦% ଟିକାକରଣ ହୋଇଛି। ୨୪,୨୧୦ ଟିକାକରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ୧୯,୩୬୯ଜଣ ଟିକା ନେଇଛନ୍ତି। ୬୬ଟି ସେସନରେ ୪,୨୬୧ଜଣ ସ୍ୱାସ୍ଥ୍ୟ କର୍ମୀ ଟିକା ନେଇଥିବାବେଳେ ୧୪୬ ସେସନରେ ୧୫,୧୦୮ଜଣ ସମ୍ମୁଖ ଯୋଦ୍ଧା ଟିକା ନେଇଛନ୍ତି। ବୁଧବାର କୋଭିଶିଲ୍ଡ ୧୬,୮୨୯ ଡୋଜ୍ ଦିଆଯାଇଥିବାବେଳେ କୋଭାକ୍ସିନ ୨,୫୪୦ ଡୋଜ୍ ଦିଆଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

## କୃମିନାଶ ସଚେତନତା ରଥ ଶୁଭାରମ୍ଭ

**ଗୋପ,(ଡି.ଏନ୍.ଏ.):** ଗୋପ ବ୍ଲକରେ କୃମିରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ବୁଧବାର ସଚେତନତା ରଥକୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶିବପ୍ରସାଦ ମଙ୍ଗରାଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ରଥ ଗୋପ ବ୍ଲକ ଅଧିନରେ ଥିବା ୩୧ଟି ପଞ୍ଚାୟତର ୨୨୨ଖଣ୍ଡ ଗାଁକୁ ଯାଇ କୃମି ସମ୍ପର୍କରେ ଲୋକଙ୍କୁ ସଚେତନ କରିବ। ଏହି କୃମିନାଶ ଔଷଧ ୧ ରୁ ୧୯ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତେ ଖାଇପାରିବେ ଏହି କାର୍ଯ୍ୟକ୍ରମ ଚଳିତ ମାସ ୧୦ ତାରିଖରୁ ଆରମ୍ଭ ହୋଇ ୧୬ ତାରିଖରେ ଶେଷ ହେବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ମଙ୍ଗରାଜ କହିଛନ୍ତି।

## ଆଜି କ'ଣ କେଉଁଠି

ଗୋପ
- ପଞ୍ଚସଖା ଭକ୍ତ ବଳରାମ ଦାସ ସ୍ମୃତି ସଂସଦ ପକ୍ଷରୁ ସାରସ୍ୱତ ସଭା, ଏରବଙ୍ଗ ବଳରାମ ମନ୍ଦିର ପରିସର, ସନ୍ଧ୍ୟା ୬ଟା ।
- ଗୋପ ବ୍ଲକ ପରିସରରେ କରୋନା ଯୋଦ୍ଧାଙ୍କୁ ଟିକା କାର୍ଯ୍ୟକ୍ରମ, ଗୋପ ବ୍ଲକ, ପୂର୍ବାହ୍ନ ୧୧ଟା ।

ସାକ୍ଷୀଗୋପାଳ
- ସାରସ୍ୱତ ବନ୍ଧୁମିଳନ ଓ କବିତା ପାଠୋତ୍ସବ, ମିଲିଟାରି ଏକାଡେମୀ ସ୍କୁଲ, ଅପରାହ୍ନ ୫ଟା।

## କର୍ତ୍ତବ୍ୟରେ ଅବହେଳା: ଏଏସ୍ଆଇ ନିଲମ୍ବିତ

**ପୁରୀ ଅଫିସ,୧୦।୨:** ପୁରୀ ତାଳବଣିଆ ଥାନାର ଏଏସ୍ଆଇ ଲକ୍ଷ୍ମଣ ସୋରେନଙ୍କୁ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ବୁଧବାର ଏସ୍ପି କନୱର ବିଶାଲ ସିଂ ଚାକିରିରୁ ନିଲମ୍ବନ କରିଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ଏସ୍ପି ପାଟ୍ରୋଲିଂରେ ଯାଇଥିଲେ। ଏହି ସମୟରେ ଗ୍ରୀଡ୍କୋ ଛକରେ ଦାୟିତ୍ୱରେ ଥିବା ଏଏସ୍ଆଇ ସୋରେନଙ୍କୁ ଦେଖିବାକୁ ମିଳି ନ ଥିଲା। ଏ ନେଇ ଏସ୍ପି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଦାୟିତ୍ୱରେ ଅବହେଳା ନେଇ ସ୍ପଷ୍ଟ ହେବା ପରେ ତାଙ୍କୁ ନିଲମ୍ବନ କରାଯାଇଛି। ଏସ୍ପିଙ୍କ ଏଭଳି ଅଚାନକ ଗସ୍ତ ସହ ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି। ଅପରାଧୀ ହୁଅନ୍ତୁ କିମ୍ବା ପୋଲିସ କର୍ମଚାରୀ ସମସ୍ତଙ୍କ କ୍ଷେତ୍ରରେ ଶୂନ୍ୟ ସହନଶୀଳତା ନୀତି ଲାଗୁ ହେବ ବୋଲି ଏସ୍ପି କହିଛନ୍ତି।

## ୧୧୦ କୋଭିଡ୍ ଯୋଦ୍ଧାଙ୍କୁ ଟିକାଦାନ

**କଣାସ,୧୦।୨(ସ୍ୱ.ପ୍ର.):** କଣାସ ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ବୁଧବାର ୧୧୦ଜଣ କୋଭିଡ୍ ଯୋଦ୍ଧାଙ୍କୁ କୋଭିଡ୍ ଟିକା ଦିଆଯାଇଛି। ବ୍ଲକ ଓ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, କଣାସ ଓ ଗଡ଼ିଶାଗୋଡା ଥାନାର ସମସ୍ତ କର୍ମଚାରୀ ସମେତ କଣାସ ଦମକଳ କେନ୍ଦ୍ରର କର୍ମଚାରୀଙ୍କୁ ଏହି ଟିକା ଦିଆଯାଇଛି।

## ୫୫ ବର୍ଷ ପରେ ବନ୍ଧୁମିଳନ

**ପିପିଲି,୧୦।୨(ସ୍ୱ.ପ୍ର.):** ଦାଣ୍ଡମୁକୁନ୍ଦପୁରସ୍ଥ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲର ୧୯୬୬ ମସିହା ମାଟ୍ରିକ୍ ବ୍ୟାଚ୍‌ର ପୁରାତନ ଛାତ୍ରମାନଙ୍କୁ ନେଇ ପ୍ରାୟ ୫୫ବର୍ଷ ପରେ ପଟ୍ଟନାୟକ ଉପବନଠାରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତେ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିବା ସହିତ ମଧୁର ସ୍ମୃତିଚାରଣ କରିଥିଲେ। ସମସ୍ତଙ୍କ ବୟସ ପ୍ରାୟ ୭୦ ବର୍ଷ ପାଖାପାଖି ହୋଇଯାଇଥିବାରୁ ଏକ ଆବେଗମୟ ଦୃଶ୍ୟ ସୃଷ୍ଟି ହୋଇଥିଲା। ବିମଳ ପଟ୍ଟନାୟକ, ରାଜକିଶୋର ମିଶ୍ର, ରାମଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପ୍ରମୋଦ ମହାନ୍ତି, କୃଷ୍ଣଚନ୍ଦ୍ର ଷଡଙ୍ଗୀ, ବିଜୟ ମିଶ୍ରଙ୍କ ସମେତ ୨୫ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ର ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଯୁବକଙ୍କୁ କଟୁରିରେ ହାଣିଦେଲେ

**ଅସ୍ତରଙ୍ଗ/ କାକଟପୁର,୧୦।୨(ଡି.ଏନ୍.ଏ.)**

- ସ୍ତ୍ରୀଙ୍କ ଏତଲା ପରେ ପୋଲିସର ତଦନ୍ତ
- ଭାଉଜ, ଭାଇ, ବାପା ଗିରଫ
- ପାରିବାରିକ କଳହରୁ ହତ୍ୟା ସନ୍ଦେହ


ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ନଇଗୁଆଁରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ଗଣ୍ଡଗୋଳ ବେଳେ ଉତ୍ୟକ୍ତ ପରିବାର ଲୋକଙ୍କ କଟୁରି ଚୋଟରେ ଜଣେ ଯୁବକଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଛି। ମୃତ ଯୁବକଙ୍କ ନାମ ବିଚିତ୍ରାନନ୍ଦ ପ୍ରଧାନ (୩୮)। ଏହି ଘଟଣା ସମ୍ପର୍କରେ ଖବର ପାଇ କାକଟପୁର ପୋଲିସ ନଇଗୁଆଁରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଙ୍କ ସ୍ତ୍ରୀ ଚୁନି ପ୍ରଧାନଙ୍କ ଏତଲା କ୍ରମେ ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବିଚିତ୍ରାନନ୍ଦଙ୍କ ଭାଇ ଦୁର୍ଯ୍ୟୋଧନ ପ୍ରଧାନ, ଭାଉଜ ସଖୀ ପ୍ରଧାନ ଏବଂ ବାପା ଗୋବର୍ଦ୍ଧନ ପ୍ରଧାନ। ଏଥିସହ ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଚଳାଇଛି। ପାରିବାରିକ କଳହକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା ପୋଲିସ ଅନୁମାନ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ସହ ତଦନ୍ତ ଶେଷ ହେବା ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କାକଟପୁର ଥାନା ଆଇଆଇସି ସୁଶାନ୍ତ କୁମାର ସାହୁ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ବିଚିତ୍ରାନନ୍ଦ ବିବାହିତ ଥିବାବେଳେ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ। ମଙ୍ଗଳବାର ଅପରାହ୍ନରେ ସେ ଘରକୁ ଆସି କୌଣସି କାରଣକୁ ନେଇ ହଠାତ୍ ସମସ୍ତଙ୍କ ସହ ଝଗଡ଼ା କରିଥିଲେ। ତାଙ୍କୁ ସମସ୍ତେ ବୁଝାଇଥିଲେ ବି ସେ କିଛି ଶୁଣି ନ ଥିଲେ। ଓଲଟା ଭାଉଜ ସଖୀ ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ପରିବାର ଲୋକେ ଉତ୍କ୍ଷିପ୍ତ ହୋଇ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଏକ କଟୁରିରେ ଆକ୍ରମଣ କରିଥିଲେ। ଘରଠାରୁ ପ୍ରାୟ ୨୦୦ ମିଟର ଦୂର ଏକ ବିଲରେ ବିଚିତ୍ରାନନ୍ଦ ରକ୍ତାକ୍ତ ଅବସ୍ଥାରେ ଯାଇ ପଡ଼ିଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

ଗତ କିଛିମାସ ହେଲା ନିଜ ବାପଘରେ ଥିବା ଚୁନି ଏ ସମ୍ପର୍କରେ ଖବର ପାଇ ବୁଧବାର କାକଟପୁର ଥାନାକୁ ଆସି ଲିଖିତ ଅଭିଯୋଗ କରିଛନ୍ତି। ସେ ଶାଶୁଘର ଲୋକଙ୍କ ବିରୋଧରେ ଏତଲା ଦେବା ପରେ ପୋଲିସ ଏକ କେସ୍ ରୁଜୁ କରି ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ କରିଥିଲା। ମୃତକଙ୍କ ଗୋଡ଼ ଓ ମୁଣ୍ଡରେ ଗଭୀର କ୍ଷତ ହୋଇଥିବା ଜଣାପଡ଼ିଛି।



ପୁରୀ ରୋଟାରି କ୍ଲବ ସାଗର ଶାଖା ପକ୍ଷରୁ ବୁଧବାର ଆୟୋଜିତ ପୁରସ୍କାର ଓ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

## କଂଗ୍ରେସର ସୋସିଆଲ ମିଡିଆ କ୍ୟାମ୍ପେନ ଆରମ୍ଭ

**କୋଣାର୍କ,୧୦।୨(ଡି.ଏନ୍.ଏ.)**

କୋଣାର୍କ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ବୁଧବାର କଂଗ୍ରେସ ସୋସିଆଲ ମିଡିଆ କ୍ୟାମ୍ପେନ ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ବିଶ୍ୱଭୂଷଣ ଦାସ, ଓଡ଼ିଶା ଏଆଇସିସି ସୋସିଆଲ ମିଡିଆ ସଂଯୋଜକ ବିନୟ ଦୋକାନିଆ, ଅଧ୍ୟକ୍ଷ ଅଭିଷେକ ମହାନନ୍ଦ, ଚେତନ ମିଶ୍ର, ଶୈଳେନ୍ଦୁ ଦାସ, ଜଗତ ଜୀବନ ମହାନ୍ତି, ସୁଶାନ୍ତ ବେହେରା, ନଗର କଂଗ୍ରେସ ସଭାପତି ଉପେନ୍ଦ୍ର କୁମାର କାଣ୍ଡି, କାକଟପୁର ପର୍ଯ୍ୟବେକ୍ଷକ ସୁବାଷ ନାୟକ, ଭରତଚନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଏକ ସ୍ୱତନ୍ତ୍ର କଂଗ୍ରେସ ଆପ୍ ଜରିଆରେ ଫେସ୍‌ବୁକ, ହ୍ୱାଟସ୍ ଆପ୍ ଓ ଟୁଇଟର୍ ଗ୍ରୁପରେ କଂଗ୍ରେସ ଦଳକୁ ଗୋଟିଏ ପ୍ଲାଟଫର୍ମକୁ ଆଣିବାକୁ ଏହା ଏକ ପ୍ରୟାସ। ସୋସିଆଲ ମିଡିଆ ଜରିଆରେ ପ୍ରକୃତ କଥା ସାମ୍ନାକୁ ଆଣି ସାଧାରଣ ଲୋକଙ୍କ ଆସ୍ଥାଭାଜନ ହେବା ପାଇଁ ଯୁବ ବନ୍ଧୁମାନଙ୍କୁ ଏହି କ୍ୟାମ୍ପେନରେ ସାମିଲ ହେବାକୁ ସୋସିଆଲ ମିଡିଆ ସଂଯୋଜକ ଦୋକାନିଆ ଆହ୍ୱାନ ଦେଇଥିଲେ। ଏହି କ୍ୟାମ୍ପେନ ମାଧ୍ୟମରେ ଭାରତରୁ ୫ଲକ୍ଷ ସ୍ୱେଚ୍ଛାସେବୀ ଓ ୫୦ହଜାର କଂଗ୍ରେସ କର୍ମୀଙ୍କୁ ଯୋଡ଼ିବା ପାଇଁ ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମକୁ ସ୍ୱାଧୀନ କୁମାର ନାୟକ, ନିରଞ୍ଜନ ଖୁଣ୍ଟିଆ, ପିନାକୀ ପ୍ରସାଦ ନାୟକ, ବିରଞ୍ଚି ପତି, ଦେବରାଜ ନାୟକ ପ୍ରମୁଖ କର୍ମକର୍ତ୍ତା ପରିଚାଳନା କରିଥିଲେ। ପୁରୀ ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଏଥିରେ ସାମିଲ ଥିଲେ।

# ୫ ବ୍ଲକ୍‌ରେ ପହଞ୍ଚିନି 'ପରୀକ୍ଷା ଦର୍ପଣ'

**ପୁରୀ ଅଫିସ,୧୦।୨**

- ୩୭୩ରୁ ୧୭୯ ବିଦ୍ୟାଳୟର ଛାତ୍ରୀଛାତ୍ର ନିରାଶ
- ମାଟ୍ରିକ ପରୀକ୍ଷା ପ୍ରସ୍ତୁତିକୁ ନେଇ ବଢ଼ିଲା ଚିନ୍ତା

ପୁରୀ ଜିଲାକୁ ଏପର୍ଯ୍ୟନ୍ତ ଆବଶ୍ୟକ ସଂଖ୍ୟକ 'ପରୀକ୍ଷା ଦର୍ପଣ' ପୁସ୍ତକ ଆସିପାରିନାହିଁ। ଜିଲାର ୧୧ଟି ବ୍ଲକ୍‌ରୁ ୬ଟି ବ୍ଲକ୍‌ରେ ଅଳ୍ପସଂଖ୍ୟକ 'ପରୀକ୍ଷା ଦର୍ପଣ' ପହଞ୍ଚିଥିବାବେଳେ ଅବଶିଷ୍ଟ ୫ଟି ବ୍ଲକ୍‌ରେ ଗୋଟିଏ ବି ପୁସ୍ତକ ପହଞ୍ଚିନାହିଁ। ଚଳିତବର୍ଷର ଶହେଦିନିଆ ଶିକ୍ଷାବର୍ଷରେ ଦଶମ ପରୀକ୍ଷା ପ୍ରସ୍ତୁତି ପାଇଁ କମ୍ ସମୟ ରହିଛି। ଏଭଳି ସ୍ଥିତିରେ ବର୍ତ୍ତମାନ ସୁଦ୍ଧା ଅଧିକାଂଶ ବ୍ଲକ୍‌ରେ 'ପରୀକ୍ଷା ଦର୍ପଣ' ନ ପହଞ୍ଚିବା ଛାତ୍ରୀଛାତ୍ରଙ୍କ ଚିନ୍ତା ବଢ଼ାଇଛି।

ଆସନ୍ତା ମେ ୩ ତାରିଖରେ ମାଟ୍ରିକ୍ ପରୀକ୍ଷା ହେବ। ଦଶମଶ୍ରେଣୀ ପିଲାଙ୍କ ପାଠ୍ୟକ୍ରମକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବା ପାଇଁ ରବିବାର ମଧ୍ୟ ପାଠପଢ଼ା ଚାଲୁ ରହିଛି। ଏଭଳି ସ୍ଥିତିରେ ପିଲାଙ୍କ ପରୀକ୍ଷାକୁ ନେଇ ପ୍ରସ୍ତୁତିର ଯାଞ୍ଚ କରିବା ପାଇଁ 'ପରୀକ୍ଷା ଦର୍ପଣ' ଏକ ଭଲ ମାଧ୍ୟମ ହୋଇପାରିବ। ମାତ୍ର ଶିକ୍ଷା ବିଭାଗର ଅବହେଳା ଯୋଗୁ 'ପରୀକ୍ଷା ଦର୍ପଣ' ଏକକାଳୀନ ଭାବେ ଆସିବା ସମ୍ଭବ ହୋଇପାରୁନାହିଁ। ବ୍ରହ୍ମଗିରି, ଡେଲାଙ୍ଗ, କଣାସ, କୃଷ୍ଣପ୍ରସାଦ ଓ ପିପିଲି ବ୍ଲକ୍‌ରେ ଖଣ୍ଡେ ହେଲେ 'ପରୀକ୍ଷା ଦର୍ପଣ' ପହଞ୍ଚି ପାରିନାହିଁ। ସେହିଭଳି ବର୍ତ୍ତମାନ ସୁଦ୍ଧା ୨ଟି ପର୍ଯ୍ୟାୟରେ ୧୧ ହଜାର ୮୦୧ ଖଣ୍ଡ ପୁସ୍ତକ ଆସିପାରିଛି। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ବର୍ଷ ପ୍ରାୟ ୨୪ ହଜାର ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେବେ। ପରୀକ୍ଷା ମୁଣ୍ଡ ଉପରେ ଥିବାବେଳେ ଅଧା ପରିମାଣର ପୁସ୍ତକ ନ ଆସିବା ଉଭୟ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କୁ ଚିନ୍ତାରେ ପକାଇଛି। ଅନ୍ୟପକ୍ଷରେ ପୁରୀ ସଦର ଓ ସହରର ୪୫ଟି ସ୍କୁଲକୁ ୪୨୫୧, ସତ୍ୟବାଦୀର ୨୫ଟି ସ୍କୁଲକୁ ୧୫୫୦, ନିମାପଡ଼ାର ୪୯ଟି ସ୍କୁଲକୁ ୨୫୦୨, କାକଟପୁରର ୨୩ଟି ସ୍କୁଲକୁ ୧୨୯୫, ଗୋପର ୨୬ଟି ସ୍କୁଲକୁ ୧୪୭୨ ଏବଂ ଅସ୍ତରଙ୍ଗର ୧୬ଟି ସ୍କୁଲକୁ ୭୩୧ଟି ପୁସ୍ତକ ପଠାଯାଇଛି। ଜିଲାରେ ମୋଟ ୩୭୩ଟି ସରକାରୀ ଓ ବେସରକାରୀ ବିଦ୍ୟାଳୟ ଥିବାବେଳେ ଏଥିମଧ୍ୟରୁ ମାତ୍ର ୧୮୪ଟି ବିଦ୍ୟାଳୟରେ ପୁସ୍ତକ ପହଞ୍ଚିଛି। ୧୭୯ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଏଯାବତ୍ ପରୀକ୍ଷା ଦର୍ପଣ ପାଇପାରିନାହାନ୍ତି। ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଜଣେ କର୍ମଚାରୀଙ୍କ ସୂଚନା ମୁତାବକ, ବଳକା ପୁସ୍ତକ ପାଇଁ ଶିକ୍ଷା ବିଭାଗକୁ ଜଣାଇ ଦିଆଯାଇଥିଲେ ମଧ୍ୟ ପ୍ରିଣ୍ଟିଂରେ ବିଳମ୍ବ କାରଣରୁ ଆସିପାରି ନାହିଁ। ପ୍ରିଣ୍ଟିଂ ସରିବା ମାତ୍ରେ ଜିଲାକୁ ପୁସ୍ତକ ପଠାଯିବ। ଅନ୍ୟପକ୍ଷେ ଅବଶିଷ୍ଟ ପିଲାଙ୍କୁ କେବେ ପରୀକ୍ଷା ଦର୍ପଣ ମିଳିବ ସେ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁଙ୍କୁ ପଚାରିବାରେ କହିଛନ୍ତି, ପର୍ଯ୍ୟାୟ କ୍ରମେ ପୁସ୍ତକ ଆସୁଛି ଓ ଏହାକୁ ବାଣ୍ଟି ଦିଆଯାଉଛି। ଗତ ୨ ଓ ୪ ତାରିଖରେ ପୁସ୍ତକ ଆସିଛି। ପରବର୍ତ୍ତୀ ପର୍ଯ୍ୟାୟ ପୁସ୍ତକ ଖୁବ୍ ଶୀଘ୍ର ଆସିବ।

## ସହର ଖବର

### ୫ ଶ୍ରେଷ୍ଠ ପୋଲିସ କର୍ମଚାରୀଙ୍କୁ ସମ୍ମାନିତ କଲେ ଏସ୍ପି

**ପୁରୀ ଅଫିସ,୧୦।୨:** ଜାନୁଆରୀ ମାସ ପାଇଁ ଶ୍ରେଷ୍ଠ ପ୍ରଦର୍ଶନକାରୀ ୪ଜଣ ପୋଲିସ କର୍ମଚାରୀଙ୍କୁ ଏସ୍ପି କନୱର ବିଶାଲ ସିଂ ସମ୍ମାନିତ କରିଛନ୍ତି। ମୋହନ ମାଝୀଙ୍କୁ ଏପିଆର୍ କନଷ୍ଟେବଲ ଶ୍ରେଣୀରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସମ୍ମାନିତ କରାଯାଇଛି। ସେହିପରି କୋଣାର୍କ ଥାନାର ହୋମଗାର୍ଡ ତପନ କୁମାର ସେନାପତି, ପୁରୀ ସହରର ଟ୍ରାଫିକ୍ କନଷ୍ଟେବଲ ହେମନ୍ତ କୁମାର ସାହୁ, ପିସିଆର୍ ଷ୍ଟାଫ୍ ଅରୁଣ କୁମାର ଜେନା ଓ ଲାଇଫ୍ ଗାର୍ଡ ଧରମା ରାଓ ସମ୍ମାନିତ ହୋଇଛନ୍ତି। ଏ ନେଇ ବୁଧବାର ପୁରୀ ପୋଲିସ ପକ୍ଷରୁ ଟୁଇଟ ମାଧ୍ୟମରେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ପୁରୀ ପୋଲିସ ପ୍ରତି ମାସରେ ଏଭଳି ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ପୋଲିସ କର୍ମଚାରୀଙ୍କୁ ସମ୍ମାନିତ କରୁଛି। ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ଗୋଟିଏ ଦିନର ଛୁଟି ମଧ୍ୟ ବୋନସ୍ ଆକାରରେ ମିଳୁଛି। ଏହି ଛୁଟି ଦିନରେ ତାଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ କରାଯାଉ ନ ଥିବା ବେଳେ ଅତି ଆବଶ୍ୟକ ସ୍ଥଳେ ରିଜର୍ଭରେ ରଖିବା ପାଇଁ ଏସ୍ପି ନିର୍ଦ୍ଦେଶ ଦେଇଛନ୍ତି।

### କ୍ରିକେଟ ଟୁର୍ଣ୍ଣାମେଣ୍ଟ: ପୁରୀ ବାର୍ ଆସୋସିଏଶନ ବିଜୟୀ

ଭୁବନେଶ୍ୱରସ୍ଥ ବିଜେବି କଲେଜ୍ ଗ୍ରାଉଣ୍ଡରେ ବୁଧବାର ସପ୍ତମ ପ୍ରଶାନ୍ତ ରାଉତରାୟ ମେମୋରିଆଲ ଅଲଓଡ଼ିଶା ଲୟର୍ସ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୁରୀ ବାର୍ ଆସୋସିଏଶନ ବିଜୟୀ ହୋଇଛି। ଭୁବନେଶ୍ୱର ବାର୍ ଆସୋସିଏଶନ ୨୦ ଓଭରରେ ୬ ଉଇକେଟ୍ ହରାଇ ୧୪୮ ରନ୍ କରିଥିଲା। ଜବାବରେ ପୁରୀ ବାର୍ ଆସୋସିଏଶନ ୬ ଉଇକେଟରେ ମ୍ୟାଚ ଜିତିଛି। ପୁରୀ ପକ୍ଷରୁ ମିଲନ ମହାନ୍ତି ସର୍ବାଧିକ ୪୬ ରନ୍ କରିଥିଲେ।

### ଗଡ଼ିଲା ଅଣସଂକ୍ରମିତ ରୋଗ ସଚେତନତା ରଥ

ଅଣସଂକ୍ରମିତ ରୋଗ ସମ୍ପର୍କରେ ସଚେତନ କରିବା ପାଇଁ ପୁରୀ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏ ନେଇ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର ଏକ ଅଡିଓ ଭିଜୁଆଲ ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ମାଧ୍ୟମରେ ଜିଲାର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ହୃଦ୍‌ରୋଗ, ବୃକକଜନିତ ରୋଗ, ମଧୁମେହ ଭଳି ରୋଗ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ। କିଭଳି ଭାବେ ଏହି ରୋଗ ଆକ୍ରମଣ କରିବା ପୂର୍ବରୁ ନିଜକୁ ସୁସ୍ଥ ରଖିହେବ, ରୋଗ ହୋଇଥିଲେ ଶରୀରର ଦାୟିତ୍ୱ କିଭଳି ନେବେ ସେନେଇ ପ୍ରଚାର କରାଯିବ। ଗ୍ରାମାଞ୍ଚଳର ୨୪୧ଟି ଓ ସହରାଞ୍ଚଳର ୨୦ଟି ଉପକେନ୍ଦ୍ର ବୁଲି ଏହି ରଥ ଲୋକଙ୍କୁ ସଚେତନତା ବାର୍ତ୍ତା ବାଣ୍ଟିବ। ଏହି ରଥ ଉଦ୍‌ଘାଟନ ଅବସରରେ ଡା. ଲଳିତ ଦାସ, ଡା. ସୁଶାନ୍ତ ବିଶ୍ୱାଳ, ଡିପିଏମ୍‌ଟି ନାରାୟଣ ରାଓ, ଆଶା ଏଏମ୍ ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କଲେ ମନ୍ତ୍ରୀ


ଗଡଚାନ୍ଦପୁରରେ ଗ୍ରାମ୍ୟ ପାନୀୟଜଳ ପ୍ରକଳ୍ପକୁ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରୁଛନ୍ତି।

**ନିମାପଡ଼ା/ ବଳଙ୍ଗା,୧୦।୨(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକର ଧନୁଆଁ, ରେଞ୍ଚଶାସନ, ହରିପୁର, ବଳଙ୍ଗା, ନୂଆସନ୍ଥ, ଗଡ଼ପଦନପୁର, ଗୋପୀନାଥପୁର, କୋଟକୋସାଙ୍ଗ, ଉଛପୁର, ବାମନାଳ ଆଦି ୧୦ଟି ପଞ୍ଚାୟତରେ ବୁଧବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଦ୍ୱାରା ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୦ପଞ୍ଚାୟତରେ ୮୩ କୋଟି ଟଙ୍କା ବ୍ୟୟରେ ଆୟୁର୍ବେଦିକ ମେଡିକାଲ କଲେଜ, ସ୍ୱଜଳ ଧାରା ପାଇପ ଲାଇନ ଜଳଯୋଗାଣ ପ୍ରକଳ୍ପ, ଉଚ୍ଚ କ୍ଷମତାସମ୍ପନ୍ନ ପାଣିଟାଙ୍କି, ନୂତନ ବିଦ୍ୟାଳୟ ବିଲ୍ଡିଂ, ଅଙ୍ଗନୱାଡ଼ି କେନ୍ଦ୍ର ସମେତ ୨୦ଟି ନବନିର୍ମିତ ନୂତନ ପ୍ରକଳ୍ପକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିବାବେଳେ ୧୩ଟି ପ୍ରକଳ୍ପର ପ୍ରତିଷ୍ଠା ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସ୍ୱଜଳ ଧାରା ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ଓଭରହେଡ୍ ଟ୍ୟାଙ୍କ, ସ୍କୁଲ ଶ୍ରେଣୀଗୃହ, ଅଙ୍ଗନୱାଡ଼ି କେନ୍ଦ୍ର ଗୃହ, ପାଇପ ସୋର୍ସ ଆଦି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଖୁବଶୀଘ୍ର ହେବ ବୋଲି ମନ୍ତ୍ରୀ କହିଛନ୍ତି। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମନସ୍ୱିନୀ ଖଟୋଇ, ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ୍ତ ଖଟୋଇ, ନିର୍ବାହୀ ଯନ୍ତ୍ରୀ ଅଭିମନ୍ୟୁ ବାରିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ତ୍ରିପାଠୀ, ପ୍ରବୀର ବଳ, ବିଇଓ ହିମାଂଶୁ ଭୂଷଣ ସାମର୍ଥ, ଜିଲା ପ୍ରକଳ୍ପ ସଂଯୋଜକ ସୌନ୍ଦର୍ଯ୍ୟ ମଞ୍ଜରୀ ଦାଶ, ବ୍ଲକ ଶିଶୁ ପ୍ରକଳ୍ପ ଅଧିକାରୀ କୁମୁଦିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରସ୍ତାବିତ ରେଳ ଓଭରବ୍ରିଜ୍ ସ୍ଥାନାନ୍ତର ଦାବି

**ସାକ୍ଷୀଗୋପାଳ,୧୦।୨(ଡି.ଏନ୍.ଏ.)**

**ବ୍ୟବସାୟୀ ସଂଘ ପକ୍ଷରୁ ତହସିଲ ଅଫିସ୍ ଆଗରେ ଧାରଣା**

ସାକ୍ଷୀଗୋପାଳ ବଜାର ମୁଖ୍ୟ ରାସ୍ତାରେ ହେବାକୁଥିବା ରେଳ ଓଭରବ୍ରିଜ ନିର୍ମାଣକୁ ସାକ୍ଷୀଗୋପାଳ ବ୍ୟବସାୟୀ ସଂଘ ବିରୋଧ କରିଛି। ପ୍ରସ୍ତାବିତ ଓଭରବ୍ରିଜ ମନ୍ଦିର ବାଇପାସ୍ ରାସ୍ତାକୁ ସ୍ଥାନାନ୍ତର ଦାବିକରି ବ୍ୟବସାୟୀମାନେ ବୁଧବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଦୋକାନ ବଜାର ବନ୍ଦକରି ଗଣେଶ ମଣ୍ଡପଠାରୁ ବ୍ୟାନର, ପ୍ଲାକାର୍ଡ ସହ ନାରାବାଜି ଦେଇ ସେମାନେ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ପରେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଧାରଣା ଦେଇଥିଲେ। ପରେ ପ୍ରତିବାଦ ସଭାରେ ସଂଘ ସଭାପତି ବିରେନ୍ଦ୍ର ଭୂଷଣ ହୋତା, ଉପସଭାପତି ଶଙ୍କର୍ଷଣ ପ୍ରଧାନ, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ସହ ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର, ଦେବେନ୍ଦ୍ର ମହାପାତ୍ର, ଦେବଦତ୍ତ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଓଭରବ୍ରିଜ୍ ନିର୍ମାଣ ହେଲେ ବଜାରରେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ୭ ଶହ ଛୋଟ ଓ ବଡ଼ ବ୍ୟବସାୟୀ ଜୀବିକା ହରାଇବେ ବୋଲି କହିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ, ବିଭାଗୀୟ କେନ୍ଦ୍ର ମନ୍ତ୍ରୀ ଓ ସ୍ଥାନୀୟ ଜନ ପ୍ରତିନିଧିମାନଙ୍କୁ ବ୍ୟବସାୟୀମାନେ ଏହି ଦାବି ଜଣାଇଥିଲେ ମଧ୍ୟ ପ୍ରଶାସନ ଆଲୋଚନା ନ କରି ୮୬ ଫୁଟ ଓସାର ମଧ୍ୟରେ ରହିଥିବା ଦୋକାନ ଓ ବାସଗୃହରେ ଜମି ଚିହ୍ନଟ କରିଛନ୍ତି। ଉଚ୍ଛେଦ ପୂର୍ବରୁ ବ୍ୟବସାୟୀମାନଙ୍କୁ ଥଇଥାନ କରିବା ଆବଶ୍ୟକତା ରହିଥିବା ବେଳେ ଏଥିପ୍ରତି ଦୃଷ୍ଟି ଦିଆଯାଉ ନାହିଁ। ଏହି ମର୍ମରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର ମୌସୁମୀ ମିଶ୍ରଙ୍କୁ ପ୍ରଦାନ କରାଯାଇଛି। ଏକ ସପ୍ତାହ ମଧ୍ୟରେ ସେମାନଙ୍କ ସହ ଆଲୋଚନା କରା ନ ଗଲେ ସେମାନେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି।



ତହସିଲ କାର୍ଯ୍ୟାଳୟ ଆଗରେ ବ୍ୟବସାୟୀ ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

# ବଳକା ଜମି ଅଧିଗ୍ରହଣ ପାଇଁ ଜନଶୁଣାଣି

**ପୁରୀ ଅଫିସ,୧୦।୨**



ଶିବିରରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ଏବଂ ଅନ୍ୟମାନେ।

ଶ୍ରୀଜଗନ୍ନାଥ ମନ୍ଦିର ଚାରିପାଖ ୭୫ ମିଟର ଜମି ଅଧିଗ୍ରହଣ ନିମନ୍ତେ ପୁନର୍ବାସ ଓ ଥଇଥାନ ସମ୍ବନ୍ଧିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବୁଧବାର ନୀଳାଦ୍ରି ଭକ୍ତ ନିବାସ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ବାସେଳି ସାହି, ଚୂଡ଼ଙ୍ଗ ସାହି, ମଣିକର୍ଣ୍ଣିକା, କାଳିକାଦେବୀ ଓ ଦୋଳମଣ୍ଡପ ସାହିର ପ୍ରାୟ ୩୦ ଜଣ ଅଂଶୀଦାର ଯୋଗ ଦେଇଥିଲେ। ତେବେ ଜମିଜମା ବାବଦକୁ କୌଣସି ସମସ୍ୟା ଥିବାରୁ କିମ୍ବା ଅନିଚ୍ଛା କାରଣରୁ ଅନେକ ଲୋକ ଏହି ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଏଯାବତ୍ ଯୋଡ଼ି ହୋଇ ପାରିନାହାନ୍ତି। ସେମାନଙ୍କ ସହ ଉକ୍ତ ଶିବିରରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି।

ବାସେଳି ସାହି, ମଣିକର୍ଣ୍ଣିକା ସାହି, କାଳିକାଦେବୀ ସାହି, ଦୋଳମଣ୍ଡପ ସାହି ଏବଂ ଚୂଡ଼ଙ୍ଗ ସାହି ଇତ୍ୟାଦିରେ ୧୫ ଏକର ୧୪୬ ଡେସିମିଲ ଜମିରୁ ପାଖାପାଖି ୧୧ ଏକରରୁ ଅଧିକ ଜମି ଅଧିଗ୍ରହଣ ସରିଛି। ବଳକା ୪ ଏକର ଜମି ଅଧିଗ୍ରହଣ ନେଇ ସମସ୍ୟା ରହୁଛି। ଜମି ଅଧିଗ୍ରହଣ ନେଇ ଥିବା ସମସ୍ୟା ଓ ଏହାର ସମାଧାନ ଦିଗରେ ଜନଶୁଣାଣି ଶିବିରରେ ଆଲୋଚନା ହୋଇଛି। କ୍ଷତିଗ୍ରସ୍ତ ହେବାକୁ ଥିବା ବିସ୍ଥାପିତମାନେ ନିଜର ଅଭିଯୋଗ ଓ ପକ୍ଷ ରଖିଛନ୍ତି। ସେହିପରି ଉତ୍ତର ପାର୍ଶ୍ୱ ମଠ, କଟକୀ ମଠ ଆଦିର ମଠାଧୀଶମାନେ ଏହି ଶିବିରରେ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ମଠ ସହ ସମ୍ପୃକ୍ତ ଆଉ ୩୭ଟି ପ୍ଲଟ୍‌କୁ ନେଇ ସମସ୍ୟା ରହିଛି। ସେହିଭଳି ଜମି ଅଧିଗ୍ରହଣ ପ୍ରକ୍ରିୟାରେ କିଛି ବୁନିୟାଦି ସମସ୍ୟା ମଧ୍ୟ ରହିଛି। ଏସବୁର ସମାଧାନ ଦିଗରେ ପ୍ରଶାସନ କାର୍ଯ୍ୟ କରିବା ଆବଶ୍ୟକ ବୋଲି ନାରାୟଣ ରାମାନୁଜ ଦାସ କହିଛନ୍ତି। ମଠାଧୀଶମାନେ କହିଛନ୍ତି ଯେ, ଜମିର ମାଲିକାନା ସ୍ୱତ୍ୱ ସ୍ପଷ୍ଟ କରାଯାଉ। ମଠ ମାର୍ଫତରେ ନୂତନ ମଠ କାର୍ଯ୍ୟକ୍ରମ ଚାଲୁ। ସେହିପରି ପୁର୍ନବାସ ଓ ଥଇଥାନ ଯୋଜନାରେ ସ୍ୱତନ୍ତ୍ର ପ୍ୟାକେଜ୍‌ର ଅଂଶବିଶେଷ ହୋଇ ନ ଥିବା କ୍ଷତିଗ୍ରସ୍ତଙ୍କୁ ସାମିଲ କରାଯିବା ଆବଶ୍ୟକ। ଅନ୍ୟପକ୍ଷରେ ସମସ୍ତଙ୍କ ସହମତି ଭିତ୍ତିରେ ଜମି ଅଧିଗ୍ରହଣ କରି ହେରିଟେଜ କରିଡର କାର୍ଯ୍ୟ ଆରମ୍ଭ କରିବା ପାଇଁ ପ୍ରଶାସନ ସବୁ ପ୍ରକାର ଉଦ୍ୟମ ଜାରି ରଖିଛି ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି। ଜନଶୁଣାଣି ମାଧ୍ୟମରେ ବିବାଦୀୟ ଜମିକୁ ନେଇ ଥିବା ସମସ୍ୟା ହଟିବ ଓ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇପାରିବ ବୋଲି ଜିଲାପାଳ ସମର୍ଥ ବର୍ମା ଆଶାବ୍ୟକ୍ତ କରିଛନ୍ତି। ୮୭ ପ୍ରତିଶତ ଜମି ଅଧିଗ୍ରହଣ ସରିଥିବା ବେଳେ ବଳକା ୧୩ ପ୍ରତିଶତ ପାଇଁ ଏହି ଜନଶୁଣାଣି ଶିବିର ହୋଇଥିବା ପ୍ରଶାସନ ସ୍ପଷ୍ଟ କରିଛି। ଉଲ୍ଲେଖଥାଉ କି, ଥଇଥାନ ଓ ବିସ୍ଥାପନ ଧାରା ୧୦୮ ଅନୁଯାୟୀ ଏହି ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ସଭାପତିତ୍ୱ କରିଥିଲେ। ଉପଜିଲାପାଳ ଭବତାରଣ ସାହୁ, ଭୂଅର୍ଜନ ଅଧିକାରୀ କୈଳାସ ଚନ୍ଦ୍ର ନାୟକ, ଶ୍ରୀମନ୍ଦିର ରାଜସ୍ୱ ଉପପ୍ରଶାସକ ସୁବ୍ରତ କୁମାର ବେହେରା, ପୌରସଂସ୍ଥା ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ମଠର ମହନ୍ତ, ମଠାଧୀଶ, ଲଜ୍ ମାଲିକ, ବ୍ୟବସାୟୀ ଓ ଘର ମାଲିକମାନେ ମଧ୍ୟ ଯୋଗଦେଇଥିଲେ।

**ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରସଙ୍ଗ**

## ପାର୍କ, ଖେଳପଡ଼ିଆ ନିର୍ମାଣ ନେଇ ବିଡିଓଙ୍କ ଅନୁଧ୍ୟାନ

ସାକ୍ଷୀଗୋପାଳ,(ଡି.ଏନ୍.ଏ.): ସତ୍ୟବାଦୀ ବ୍ଲକର ବିଭିନ୍ନ ପଞ୍ଚାୟତରେ ପାର୍କ, ଖେଳପଡିଆ, ପାଠାଗାର ଓ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ବୁଧବାର ବିଡିଓ କ୍ଷୀରୋଦ କୁମାର ବେହେରା ଅନୁଧ୍ୟାନ କରିଛନ୍ତି। ସତ୍ୟବାଦୀ ଥାନାରେ ପାର୍କ, ସେବକସାହି ଉ ପ୍ରା ବିଦ୍ୟାଳୟରେ ମହିଳା ମିଶନ ଶକ୍ତି ଗୃହ, ପଞ୍ଚସଖା ସ୍ମୃତି ସମାଧିପୀଠ ଓ ପାଠାଗାର ସହିତ ସଂଲଗ୍ନ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଖେଳପଡିଆ ର ବିକାଶ କରାଯିବ। ସହକାରୀ ଯନ୍ତ୍ରୀ ଭାସ୍କର ପ୍ରସାଦ ଶତପଥୀ, କ୍ଷିତୀଶ ମଲ୍ଲିକ, ଶ୍ୟାମସୁନ୍ଦର ପୁର୍ତ୍ତି, ବିଶ୍ୱଜିତ ମହାପାତ୍ର ପ୍ରମୁଖ ଅନୁଧ୍ୟାନ ବେଳେ ଉପସ୍ଥିତ ଥିଲେ। ଏ ନେଇ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ ପରେ ପରବର୍ତ୍ତୀ ନିର୍ଦ୍ଦେଶ ପରେ ବିକାଶ କାର୍ଯ୍ୟ ଆରମ୍ଭ ହେବ ।

### ସଂକ୍ଷେପରେ

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବେଗୁନିଆ,୧୦।୨(ଡି.ଏନ୍.ଏ.): ବେଗୁନିଆ ଥାନା ପୋଲିସ ବୁଧବାର ରାତିରେ ସାମନ୍ତରାପୁର ଗ୍ରାମ ନିକଟ କାଜୁ ବଗିଚାରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଏହି ଗ୍ରାମର ପିଣ୍ଟୁ ମାଝୀ(୨୬) ବୋଲି ଜଣାପଡ଼ିଛି। ପୋଲିସ ଘଟଣାସ୍ଥଳରୁ ଏକ ବାଇକ୍ ଜବତ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଦୁଇଦିନ ପୂର୍ବେ ପିଣ୍ଟୁ ଘରୁ କେଉଁଆଡେ ଯାଇଥିବା ବେଳେ ଆଉ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ତାଙ୍କ ସନ୍ଧାନ ପାଇ ନ ଥିଲେ। ତେବେ ବୁଧବାର ସନ୍ଧ୍ୟାରେ ଗ୍ରାମ ନିକଟ କାଜୁ ବଗିଚାରେ ତାଙ୍କ ମୃତଦେହ ଏକ ଗଛରେ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ତାଙ୍କ ପରିବାରକୁ ଜଣାଇଥିଲେ। ପରେ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

## ଗାଡ଼ି ଧକ୍କାରେ ଜଣେ ମୃତ

ଯାଁଳା,୧୦।୨(ଡି.ଏନ୍.ଏ.): ୧୬ନଂ. ଜାତୀୟ ରାଜପଥ ଯାଁଳା ମେଡିକାଲ ଛକରେ ବୁଧବାର ଏକ ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ତେବେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ସୂଚନା ମୁତାବକ, ବୁଧବାର ଭୋରରୁ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଗାଡ଼ି ଜଣେ ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏମ୍ସ ମେଡିକାଲକୁ ପଠାଇଛି।

## ଅବକାରୀ ଚଢ଼ାଉ: ଜଣେ ମହିଳା ଗିରଫ

ବୋଲଗଡ଼, ୧୦।୨(ଡି.ଏନ୍.ଏ.): ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ବୁଧବାର ବୋଲଗଡ଼ ବ୍ଲକ ରାଣୋଳ ଗ୍ରାମରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ୩୩୦ଲିଟର ଦେଶୀ ରନ୍ଧା ମଦ ଓ ମଦ ପ୍ୟାକିଂ ମେଶିନ ଜବତ ହୋଇଥିବା ବେଳେ ୧୨୦୦ଲିଟର ପୋଚ ନଷ୍ଟ କରାଯାଇଛି। ଏହି ଗଟଣାରେ ଗ୍ରାମର ମୀନତି ପାଇକରାୟଙ୍କୁ ଗିରଫ କରାଯାଇଥିବା ଅବକାରୀ ଇନ୍ସପେକ୍ଟର ଭୈରବ ସାହୁ କହିଛନ୍ତି। ସୂଚନାଥାଉ କି, ଗତ ବର୍ଷ ମଧ ଅବକାରୀ ବିଭାଗ ମଦ ପ୍ୟାକିଂ ମେଶିନ ଓ କାର ଜବତ କରି ମିନତୀଙ୍କୁ ଗିରଫ କରିଥିଲେ।

## ୬୨ ୟୁନିଟ୍ ରକ୍ତ ସଂଗ୍ରହ

ଜଟଣୀ,୧୦।୨(ଡି.ଏନ୍.ଏ.): ଜଟଣୀସ୍ଥିତ ସରାଫ ଧର୍ମଶାଳା ପରିସରରେ ବୁଧବାର ରକ୍ତଦାନ ଏବଂ ପଞ୍ଚଗବ୍ୟ ଶିବିର ଆୟୋଜିତ ହୋଇଯାଇଛି । ଜଟଣୀ ମାରୱାଡି ଯୁବ ମଞ୍ଚ ଏବଂ ଅଖିଳ ଭାରତୀୟ ମହିଳା ସମିତି ପକ୍ଷରୁ ଆୟୋଜିତ ଶିବିରରେ ୬୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମକୁ ମଞ୍ଚର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବ

ଜଟଣୀ,୧୦।୨(ଡି.ଏନ୍.ଏ.): ଜଟଣୀସ୍ଥିତ ଜଟିଆଣୀ ମନ୍ଦିର ପରିସରରେ ବୁଧବାର ବରିଷ୍ଠ ନାଗରିକ ମଞ୍ଚର ୯ମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ ସଭାପତି ଇଂ. ଭକ୍ତବନ୍ଧୁ ଚୌଧୁରୀ ସଭାପତିତ୍ୱ କରିଥିଲେ। ସମ୍ପାଦକ ଅରୁଣ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜକିଶୋର ମହାପାତ୍ର, ଈଶ୍ୱର ଚନ୍ଦ୍ର ପଟ୍ଟନାୟକ, ନରହରି ପାତ୍ର, ମଙ୍ଗୁଳି ବାରିକ ଏବଂ ସତାର ଖାଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁରେନ୍ଦ୍ର ମିଶ୍ର, ଶ୍ୟାମସୁନ୍ଦର ତ୍ରିପାଠୀ, ପ୍ରହଲ୍ଲାଦ ସାହୁ, ପ୍ରହଲ୍ଲାଦ ବିଶ୍ୱାଳ, ସୀତାକାନ୍ତ ଶତପଥୀ, କୁସୁନି ଛୋଟରାୟ, ଉଲ୍ଲାସଚନ୍ଦ୍ର ଜେନା, ଅର୍ଜୁନ ସାମନ୍ତରାୟ ପ୍ରମୁଖ ଯୋଗଦେଇ ସମାଜରେ ବରିଷ୍ଠ ନାଗରିକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏକ ସୁସ୍ଥ ସମାଜ ଗଠନ ପାଇଁ ବରିଷ୍ଠ ନାଗରିକଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ମତପ୍ରକାଶ ପାଇଥିଲା। ବ୍ରଜବନ୍ଧୁ ନାୟକ, ରବୀନ୍ଦ୍ର ପ୍ରସାଦ ମିଶ୍ର, ଶରତ ଚନ୍ଦ୍ର ଦାଶ, ପ୍ରହଲ୍ଲାଦ ସ୍ୱାଇଁ, ଜଗଦୀଶ ମହାପାତ୍ର ଓ ପଦ୍ମନାଭ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସତ୍ୟବାଦୀ ସାହୁ ଧନ୍ୟବାଦ ଦେଇଥିଲେ।

# କୃଷି, ଶିଳ୍ପ, ଗ୍ରାମୀଣ ବିକାଶକୁ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୧୦।୨


ସମ୍ମିଳନୀରେ ଯୋଜନା ବୋର୍ଡ ଅଧ୍ୟକ୍ଷ, ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

### ଖୋର୍ଦ୍ଧା ଜିଲା ଯୋଜନା କମିଟି ବୈଠକ

ଖୋର୍ଦ୍ଧା ଜିଲା ଯୋଜନା କମିଟି ବୈଠକ ବୁଧବାର ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ୨୦୨୦-୨୧ ବର୍ଷ ପାଇଁ ବିଭିନ୍ନ ବିଭାଗ ନିମନ୍ତେ ବାର୍ଷିକ ଯୋଜନା ବ୍ୟୟ ଅଟକଳ ଉପରେ ଆଲୋଚନା ହୋଇଥିଲା। ଚଳିତ ଆର୍ଥିକବର୍ଷରେ ୨୫୨୯ କୋଟି ୭୫ଲକ୍ଷ ଟଙ୍କା ବ୍ୟୟ ଅଟକଳ ଆଗତ କରାଯାଇଛି। କୃଷିରବିକାଶ ପାଇଁ ୪୭୧୧.୧୬ଲକ୍ଷ ବ୍ୟୟ ଆକଳନ କରାଯାଇଛି। ଗ୍ରାମୀଣ ବିକାଶ ପାଇଁ ୬୦୧୭.୬୨, ଡିଆରଡିଏ ସ୍ୱତନ୍ତ୍ର ଏରିଆ କାର୍ଯ୍ୟକ୍ରମ ଲାଗି ୧୨୭୬୧.୨୯, ଜଳସେଚନ, ଡ୍ରେନେଜ୍ ଓ ବନ୍ୟା ନିୟନ୍ତ୍ରଣ ପାଇଁ ୭,୨୮୪ ଲକ୍ଷ, ଶକ୍ତି ପାଇଁ ୯୦୨ ଲକ୍ଷ, ଶିଳ୍ପ ବିକାଶ ପାଇଁ ୨୨୪.୬୯, ପରିବହନ ପାଇଁ ୭୧୧୪୩.୨୫, ପରିବେଶ ପାଇଁ ୨୭୯୬.୨୧, ସାଧାରଣ ଅର୍ଥନୀତି ସେବା ପାଇଁ ୬୪୪୯.୪୫, ସାମାଜିକ ସେବା ଲାଗି ୧୪୦୬୨୮.୫୦ ଏବଂ ସାଧାରଣ ସେବା ପାଇଁ ୫୬.୪୧ ଲକ୍ଷ ଟଙ୍କା ବ୍ୟୟ ଆକଳନ କରାଯାଇଛି। ୨୦୧୯-୨୦ ବର୍ଷରେ ୧୬୬୦୦୭.୬୩ ଲକ୍ଷ ଟଙ୍କା ବ୍ୟୟ ଆକଳନ କରାଯାଇଥିବା ବେଳେ ୧୨୭୩୫୩.୯୯ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଚଳିତ ବର୍ଷ ୮୬୯.୬୭ କୋଟି ଟଙ୍କା ଅଧିକ ବ୍ୟୟ ଅଟକଳ କରାଯାଇଛି।

ବୈଠକରେ ଯୋଜନା ବୋର୍ଡ ଅଧ୍ୟକ୍ଷ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଅଧ୍ୟକ୍ଷତା କରିଥିବା ବେଳେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ସମସ୍ତ ବିଭାଗ ପାଇଁ ଆକଳନ ହୋଇଥିବା ବ୍ୟୟ ଯୋଜନା କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। କରୋନା ମହାମାରୀ ସୁପରିଚାଳନା ଦିଗରେ ଓଡ଼ିଶା ପ୍ରଶଂସିତ ହୋଇଛି। ବର୍ତ୍ତମାନ କୋଭିଡ୍ ସ୍ଥିତି ନିୟନ୍ତ୍ରଣ ରହିଛି। ଅର୍ଥନୀତିକୁ ସୁଧାରି ଆଗକୁ ବଢ଼ିବାକୁ ସମୟ ଆସିଛି। ଜିଲାରେ ଭିତ୍ତିଭୂମି ଓ ଅର୍ଥନୀତି ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଜିଲାରେ ଆଗାମୀ ଭବିଷ୍ୟତ ଲାଗି ମାଷ୍ଟରପ୍ଲାନ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। କୃଷି, ଗ୍ରାମୀଣ ବିକାଶ ଏବଂ ପର୍ଯ୍ୟଟନ ଶିଳ୍ପର ବିକାଶ ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜୟଦେବ ବିଧାୟକ ଅରବିନ୍ଦ ଢାଲି, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲାପାଳ ସନତ ମହାନ୍ତି ଜିଲା ଯୋଜନା କମିଟିର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କୋଭିଡ୍ ସ୍ଥିତି ନିୟନ୍ତ୍ରଣକୁ ଆସିବା ପରେ ଗ୍ରାମୀଣ ଅର୍ଥୀନୀତିକୁ ସୁଦୃଢ଼ କରିବା ଲାଗି ଯୋଜନା କରାଯାଉଛି। ଜିଲାରେ ବୃହତ୍ ପାଇପ୍ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉଛି। ବୃହତ୍ ଜଳଉଠାଜଳସେନ ପଏଣ୍ଟ କାର୍ଯ୍ୟକାରିତା ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଉପରେ କହିଥିଲେ। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳେଇ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଜିଲା ଯୋଜନା କମିଟି ସଦସ୍ୟ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆଇନଶୃଙ୍ଖଳା, ମହିଳା, ଶିଶୁଙ୍କ ସୁରକ୍ଷାକୁ ପ୍ରାଥମିକତା

ଖୋର୍ଦ୍ଧା ଅଫିସ,୧୦।୨

ଖୋର୍ଦ୍ଧା ଜିଲା ନୂତନ ଆରକ୍ଷୀ ଅଧୀକ୍ଷକ ଭାବେ ରାଜକିଶୋର ଦୋରା ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ଗଣମାଧ୍ୟମକୁ ଏସ୍‌ପି ଦୋରା କହିଛନ୍ତି, ଆଇନଶୃଙ୍ଖଳା, ମହିଳା ଓ ଶିଶୁଙ୍କ ସୁରକ୍ଷା, ଜାତୀୟ ରାଜପଥରେ ଲୁଟ, ରାହାଜାନି ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯିବ। ଜିଲାରେ ବୃଦ୍ଧି ପାଇଥିବା ନିଶା କାରବାରକୁ ନିୟନ୍ତ୍ରଣ କରାଯିବ। ଜିଲାରେ ଅପରାଧ ନିୟନ୍ତ୍ରଣ ଲାଗି ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ପୋଲିସ ଜନତାଙ୍କ ବନ୍ଧୁ ଭାବେ କାର୍ଯ୍ୟ କରିବ। ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ତ୍ୱରିତ ନ୍ୟାୟ, ଉତ୍ତମ ବ୍ୟବହାର ଉପରେ ଦୃଷ୍ଟି ଦିଆଯିବ। ରାତ୍ରିପାଟ୍ରୋଲିଂକୁ କଡାକଡି କରାଯିବ। ଅପରାଧକୁ ପ୍ରଶ୍ରୟ ଦିଆଯିବ ନାହିଁ। ଏସ୍‌ପି ଦୋରା ପୂର୍ବରୁ କଟକ କ୍ରାଇମବ୍ରାଞ୍ଚ ଏସ୍‌ପି ଭାବେ ଅବସ୍ଥାପିତ ଥିଲେ। ଢେଙ୍କାନାଳ ଜିଲାରେ ଅଧିକ ସମୟ ବିତାଇଛନ୍ତି। ପରେ ଅନୁଗୁଳ, ଯାଜପୁର କଳିଙ୍ଗ ନଗର ଅଞ୍ଚଳରେ



ନୂତନ ଏସ୍‌ପି ରାଜ କିଶୋର ଦୋରା।

### ଏନ୍‌ଏଚ୍‌ରେ ସୁରକ୍ଷା ବ୍ୟବସ୍ଥା ତ୍ୱରାନ୍ୱିତ କରାଯିବ

କାର୍ଯ୍ୟ କରି ଅପରାଧ ନିୟନ୍ତ୍ରଣ ଦିଗରେ ସଫଳତା ହାସଲ କରିଛନ୍ତି। ଜିଲାସ୍ତରୀୟ ଅଧିକାରୀ ଏବଂ ଥାନାଧିକାରୀଙ୍କ ସହ ଅପରାଧ ନିୟନ୍ତ୍ରଣ ଉପରେ ଆଲୋଚନା କରିଛି। ରାଜପଥରେ ଲୋକଙ୍କ ସୁରକ୍ଷା ପାଇଁ ସରକାର ହାଇୱେ ପାଟ୍ରୋଲିଂ ଆରମ୍ଭ କରିଛନ୍ତି। ପିତାପଲ୍ଲୀ ଛକରୁ ଗଞ୍ଜାମ ସୀମା ପର୍ଯ୍ୟନ୍ତ ୩ଟି ପାଟ୍ରୋଲିଂ ଗାଡି ବ୍ୟବସ୍ଥା ରହିଛି। ୧୬ ନମ୍ବର ଜାତୀୟ ରାଜପଥରେ ଲୁଟ, ରାହାଜାନି ଉପରେ ତୀକ୍ଷ୍ଣ ନଜର ରହିବ। ତ୍ୱରିତ ସେବା ପ୍ରଦାନ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

## ୨୪,୧୭୬ ଚାଷୀଙ୍କୁ ଦିଆଯାଇଛି ୧୪୯.୨୨ କୋଟି

ଖୋର୍ଦ୍ଧା ଅଫିସ,୧୦।୨

ଖୋର୍ଦ୍ଧା ଜିଲାରେ ଖରିଫ ଧାନକିଣା ଚାଲିଛି। ବୁଧବାର ସୁଦ୍ଧା ୯.୩୫,୮୦୩ କ୍ୱିଣ୍ଟାଲ ଧାନ କିଣା ସରିଛି। ୨୪,୧୭୬ ଚାଷୀଙ୍କ ଆକାଉଣ୍ଟକୁ ୧୪୯ କୋଟି ୨୨ ଲକ୍ଷ ୯୬ ହଜାର ୪୮୨ ଟଙ୍କା ଦିଆଯାଇଛି। ମିଲର୍ସଙ୍କଠାରୁ ଧାନ ବାବଦକୁ ୧ ଲକ୍ଷ ୬୨ ହଜାର ୮୨୪ କ୍ୱିଣ୍ଟାଲ ଚାଉଳ ସଂଗ୍ରହ କରାଯାଇଛି। ସୂଚନା ମୁତାବକ, ବାଲକାଟୀ ବ୍ଲକରେ ୧ଲକ୍ଷ ୪୧ହଜାର ୨ଶହ ଟାର୍ଗେଟ ରହିଥିବା ବେଳେ ୧,୧୩,୯୪୬ ଧାନ କିଣା ସରିଛି। ବାଲିପାଟଣା ବ୍ଲକରେ ୧,୫୮,୧୦୦ରୁ ୧,୪୫,୭୩୬, ଭୁବନେଶ୍ୱର ବ୍ଲକରେ ୬୭ ହଜାରରୁ ୫୬,୯୧୬, ଜଟଣୀ ବ୍ଲକରେ ୪୯,୬୦୦ରୁ ୪୩,୧୦୦, ଖୋର୍ଦ୍ଧା ବ୍ଲକରେ ୮୫,୯୦୦ରୁ ୭୩,୮୬୭, ବେଗୁନିଆ ବ୍ଲକରେ ୧,୨୬,୭୦୦ରୁ ୧,୧୩,୪୧୩, ବୋଲଗଡ଼ ବ୍ଲକରେ ୧,୧୯,୫୦୦ରୁ ୧,୧୨,୦୮୮, ଟାଙ୍ଗୀ ବ୍ଲକରେ ୯୬,୪୦୦ରୁ ୮୪,୯୭୧, ଚିଲିକା ବ୍ଲକରେ ୯୩,୭୦୦ରୁ ୭୮ହଜାର ଏବଂ ବାଣପୁର ବ୍ଲକରେ ୧,୯୮,୭୦୦ କ୍ୱିଣ୍ଟାଲ ଧାନ ଟାର୍ଗେଟ ରହିଥିବା ବେଳେ ବୁଧବାର ସୁଦ୍ଧା ୮୨,୯୯୦ କ୍ୱିଣ୍ଟାଲ ଧାନ କିଣା ସରିଥିବା ଜଣାପଡ଼ିଛି।

## ମଦ ଜବତ, ଜଣେ ଗିରଫ

ବୋଲଗଡ଼,୧୦।୨(ଡି.ଏନ୍.ଏ.)

ବାଙ୍କୋଇ ଫାଣ୍ଡି ଅଧୀନ ଅସରଳା ଗ୍ରାମରେ ବୁଧବାର ପୋଲିସ ଚଢ଼ାଉ କରି ୨୦ ଲିଟର ଦେଶୀ ରନ୍ଧାମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର କବିରାଜ ବଳିୟାରସିଂହ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୯/୨୧)ରୁଜୁକରି ତଦନ୍ତ ଚଳାଇଛି।

# 'ବିଜେଡି, ଭାଜପା ବିଭ୍ରାନ୍ତ କରୁଛନ୍ତି'

ଜଟଣୀ,୧୦।୨(ଡି.ଏନ୍.ଏ.)

ଜଟଣୀ ଶ୍ରୀଜଗନ୍ନାଥ ଏଖାରାଜାତ ମାହାଲ ଓ ଟାଉନ ଖାସ୍‌ମାହାଲ ଜମି ସମସ୍ୟାର ସମାଧାନ ବିଧାୟକ ସୁରେଶ ରାଉତରାୟଙ୍କ ପ୍ରଚେଷ୍ଟାରେ ବାଟ ଫିଟୁଥିବା ବେଳେ ବିଜେଡି ଓ ଭାଜପା ଏହାର ଶ୍ରେୟ ନେବା ପାଇଁ ଉଦ୍ୟମ କରିବା ସହ ସ୍ଥାନୀୟ ବାସିନ୍ଦାଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ଜଟଣୀ ନାଗରିକ କମିଟି ଅଭିଯୋଗ କରିଛି। ବୁଧବାର ଜଟଣୀସ୍ଥିତ ଏକ ହୋଟେଲରେ ଜଟଣୀ ନାଗରିକ କମିଟି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଦୀର୍ଘ ୯ବର୍ଷ ଧରି ବିଧାୟକ ରାଉତରାୟ ୧ଲକ୍ଷ ୭୦ହଜାର ଲୋକଙ୍କ ଭିଟାମାଟିକୁ ଫେରାଇ ଆଣିବା ପାଇଁ ୨୦୧୨ରୁ ଅନେକ ଥର ଆନ୍ଦୋଳନ କରିଛନ୍ତି। ଯାହା ଫଳରେ ଏହି ସମସ୍ୟା


ଖବରଦାତା ସମ୍ମିଳନୀରେ ଜଟଣୀ ନାଗରିକ କମିଟି ପକ୍ଷରୁ ସୂଚନା ଦିଆଯାଉଛି।

### ଶ୍ରୀଜଗନ୍ନାଥ ଏଖାରାଜାତ ମାହାଲ ଜମି ସମସ୍ୟା

ଦୂର ହେବାକୁ ଯାଉଛି । ଅନ୍ୟମାନେ କେବଳ ଶ୍ରେୟ ପାଇଁ ଲଢ଼େଇ କରୁଛନ୍ତି ବୋଲି ପୂର୍ବତନ ନଗରପାଳ ସଂଗ୍ରାମ କେଶରୀ ରାଉତରାୟ କହିଛନ୍ତି। ଆସନ୍ତା ୨୦ ତାରିଖ ମଧ୍ୟରେ ଉକ୍ତ ଜଗନ୍ନାଥ ମହାପ୍ରଭୁଙ୍କ ଜମି ସମସ୍ୟା ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଧାର୍ଯ୍ୟ ସମୟରେ ରୟତଙ୍କୁ ସେମାନଙ୍କ ପୁରୁଷାନୁକ୍ରମେ ଭୋଗଦଖଲ କରୁଥିବା ଜମି ନ ମିଳେ, ମାର୍ଚ୍ଚ ୧ରେ ଭୁବନେଶ୍ୱରରେ ଆନ୍ଦୋଳନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ସମ୍ମିଳନୀରେ କମିଟି ସମ୍ପାଦକ ଜିତେନ୍ଦ୍ରିୟ ରଥ, କଳିଙ୍ଗ ସାହୁ, ପ୍ରମୋଦ ହରିଚନ୍ଦନ, ସୁନିଲ ରାଉତରାୟ, ଲୁସେନ ରାୟ, ଆଶୁତୋଷ ପଟ୍ଟନାୟକ, ଅମିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଅସ୍ୱାସ୍ଥ୍ୟକର ପରିବେଶରେ ବିଦ୍ୟାଳୟ

ଖୋର୍ଦ୍ଧା ଅଫିସ,୧୦।୨

ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଚାଲିଛି ପାଠପଢ଼ା। ବିଦ୍ୟାଳୟର ପାଚେରି ନ ଥିବା ବେଳେ ଭିତ୍ତିଭୂମିର ଅଭାବ ରହିଛି। ଶୌଚାଳୟ ଅଛି, କିନ୍ତୁ ଚାରିପଟେ ଅନାବନା ଗଛଲତା ମାଡ଼ିଯାଇଛି। ପିଇବା ପାଇଁ ପାନୀୟ ଜଳର ସୁବିଧା ନାହିଁ। ଏଥିସହ ଏଠାରେ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳ ପାଲଟିଛି। ଏଭଳି ଦୃଶ୍ୟ ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ ବାଳିକା ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଫନୀ ବାତ୍ୟାରେ ଆଜ୍‌ବେଷ୍ଟସ ଘର ଭାଙ୍ଗିରୁଜି ଯାଇଥିବା ବେଳେ ମରାମତି କରାଯାଇ ନାହିଁ। ୧୯୮୮ରେ ଗଢ଼ି ଉଠିଥିବା ଏହି ବିଦ୍ୟାଳୟ ଭିତ୍ତିଭୂମି ଅଭାବରୁ ଅସ୍ତିତ୍ୱ ହରାଇବାକୁ ବସିଛି। ବିଦ୍ୟାଳୟ ପରିବେଶ ଦେଖି ଅଭିଭାବକମାନେ ଏଠାରେ ପିଲାଙ୍କ ନାମ ଲେଖାଇବା ପାଇଁ ପସନ୍ଦ କରୁନାହାନ୍ତି। ତେବେ ପ୍ରଶାସନିକ ଅବହେଳା ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ବିପର୍ଯ୍ୟସ୍ତ ଅବସ୍ଥାରେ ପାଠପଢ଼ା ଚାଲିଛି।



ଗୁରୁଜଙ୍ଗ ବାଳିକା ଉଚ୍ଚ ବିଦ୍ୟାଳୟ।

- ପାଚେରି ନାହିଁ, ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟିଛି
- ପ୍ରଶାସନଠାରୁ ପ୍ରଧାନମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଦାବି ଉପସ୍ଥାପନ କରାଯାଇଛି
- ପ୍ରତିଶ୍ରୁତି ମିଳୁଛି, କାର୍ଯ୍ୟକାରୀ ହେଉନି

ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ପାଢ଼ୀଙ୍କ କହିବାନୁଯାୟୀ, ବିଦ୍ୟାଳୟରେ ୧୨ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ନିଯୁକ୍ତି ପାଇଛନ୍ତି। ସ୍କୁଲର ଅବ୍ୟବସ୍ଥା ନେଇ ଜିଲା ଶିକ୍ଷାଧିକାରୀଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ସ୍କୁଲ ଓ ଗଣଶିକ୍ଷା ବିଭାଗ, ଶିକ୍ଷା ସଚିବ, ବିଧାୟକ, ଏମ୍‌ପି ଏବଂ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପତ୍ର ଲେଖାଯାଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗକୁ ସ୍କୁଲର ଭିତ୍ତିଭୂମି ସଜାଡିବା ଲାଗି ଚିଠି ଆସିଛି। ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ବିଦ୍ୟାଳୟର ପାଚେରି ନ ଥିବାରୁ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳ ପାଲଟିଛି। ଏନେଇ ଜିଲା ପ୍ରଶାସନ ଏବଂ ଏସ୍‌ପିଙ୍କ ନିକଟରେ ମଧ ଅଭିଯୋଗ ହୋଇଛି। କେବଳ ପ୍ରତିଶ୍ରୁତି ମିଳୁଛି, ପଦକ୍ଷେପ ନିଆଯାଉ ନାହିଁ। ବରିଷ୍ଠ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପାତ୍ର କହିଛନ୍ତି, ମାଟ୍ରିକ୍ ପରୀକ୍ଷାରେ ଗତବର୍ଷ ୫୦% ଛାତ୍ରୀ ପାସ କରିଥିଲେ। ୨୦୧୮ରେ ୩୦ରୁ ୧୮, ୨୦୧୯ରେ ୩୦ରୁ ୧୫ଜଣ ମାଟ୍ରିକ୍ ପାସ କରିଛନ୍ତି। ସରକାର ବେଟି ବଚାଅ, ବେଟି ପଢ଼ାଅ ସ୍ଲୋଗାନ ଦେଉଛନ୍ତି। ଖୁସି ଯୋଜନାରେ ଛାତ୍ରୀଙ୍କୁ ସାନିଟାର ନାପ୍‌କିନ୍ ଦିଆଯାଉଛି। ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେଉଥିବା ଏଠାରେ ପ୍ରହସନ ପାଲଟିଛି ବୋଲି କେତେଜଣ ଅଭିଭାବକ କହିଛନ୍ତି। ଏହି ବିଦ୍ୟାଳୟକୁ ଅନ୍ୟ ବିଦ୍ୟାଳୟ ସହିତ ମିଶାଇ ଦିଆଯାଉ କିମ୍ବା ଏହାର ଭିତ୍ତିଭୂମିର ବିକାଶ କରାଯାଉ ବୋଲି ଅଭିଭାବକମାନେ ଦାବି କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପୂର୍ଣ୍ଣଚନ୍ଦ୍ର


@ ଚିନ୍ମୟ


@ ରାଜଲକ୍ଷ୍ମୀ


@ ନୀଳକଣ୍ଠ


@ ଗିରିଜା


@ ପପି


@ ମନୋଜ


@ ସୁଶାନ୍ତ